ରହସ୍ୟ ମାସିକ ପତ୍ରିକା

# ଚକ୍ରାନ୍ତ

ମୁଖ୍ୟ ସମ୍ପାଦକ—ଏ. ଏଚ୍. କେ. ନାଶାଦ୍

ସହ ସମ୍ପାଦକ—କେ. ଏମ୍. ନାଶାଦ୍

ମାର୍ଚ୍ଚ   ୩ୟ ସଂଖ୍ୟା   ୧୯୭୫   ମୂଲ୍ୟ ଏକଟଙ୍କା



ପ୍ରକାଶକ

ଚକ୍ରାନ୍ତ କାର୍ଯ୍ୟାଳୟ

କେଶରପୁର, କଟକ—୧

ବିକ୍ରୟ କେନ୍ଦ୍ର

ଚକ୍ରାନ୍ତ ଅଫିସ

ବାଙ୍କାବଜାର, କଟକ—୨

# ଲଗ୍ନ ଭ୍ରଷ୍ଟା



ଶ୍ରୀ ଯୋଗେନ୍ଦ୍ର କୁମାର ମହାନ୍ତି

ମୃଦୁ ଆନ୍ଦୋଳିତ ହୋଇଉଠେ ନିଝୁମ ରାତିର ନିଥର ପ୍ରହର । ଅଭଙ୍ଗ ନୀରବତା ତଳେ କମ୍ପନ ସୃଷ୍ଟି କରେ ଟ୍ରେନ୍‌ର ଶବ୍ଦ । ଦୁର୍ବଳ ବକ୍ଷର ସ୍ପନ୍ଦନ ପରି ଦ୍ରୁତ; ମନ୍ଥର, ନିରବଚ୍ଛିନ୍ନ ଓ ଛନ୍ଦହୀନ । ଅପ୍ରତ୍ୟାଶିତ ଦ୍ରୁତତା ଭିତରେ ଧୂସର ଦିଗନ୍ତ ପ୍ରତିଧ୍ୱନିତ ହୋଇ ଉଠେ । ଖପ୍, ଖପ୍, ଶପ୍, । କେତେକ ମୁହୂର୍ତ୍ତ ନିମନ୍ତେ ସମସ୍ତ ନୀରବ । ପୁଣି ଆରମ୍ଭ ହୁଏ ରାତିର ରହସ୍ୟ ଭରା ପ୍ରତିଧ୍ୱନି । ମନରେ ଆତଙ୍କ ସୃଷ୍ଟି କରେ ।

ଦିନ କମ୍ବା ମାସ ନୁହେଁ । ବର୍ଷ ବର୍ଷ ଧରି ନିଶାର୍ଦ୍ଧକୁ ଥରାଇ କୁହରି ଉଠେ ରୋମାଞ୍ଚ ଭରା ଶବ୍ଦର ରହସ୍ୟ ମଧୁ ରାଗିଣୀ । ସହରଠାରୁ କିଛି ଦୂରରେ ଅତୀତ ଓ ଭବିଷ୍ୟତର ମିଳନରେ ବର୍ତ୍ତମାନ ଗଢ଼ି ଉଠେ । ଦୃଶ୍ୟମାନ ଭବିଷ୍ୟତ ଏକାବେଳକେ ନିଶ୍ଚିତ, ଓ ନିର୍ଭୁଲ ।

କୋଦାଳ ରଖିଦେଇ ସେ ନିଜକୁ ଅନାଇଲା । ବାପ୍ପୁ ସ୍ତରରେ ଅସହ୍ୟ ଉଷ୍ଣତାର ଦେହଟା ତାର ଶୀତେଇ ଉଠିଲା । ନିବୁଜ ଅନ୍ଧକାର ଭିତରେ ନିଜର ରୂପ ଦେଖି ସେ ଚହ୍ନି ପାରିଲା ନାହିଁ । ପ୍ରେତପୁରୀର ଗୋଟାଏ ଅଭିଶପ୍ତ ଗତାସୁ ଯେପରି ମାଟି ଚାଣି ଚାଲିଛି । ତାହାହେଲେ ସେ ମରି ଯାଇଛି । ରାଜପଥ ଉପରେ ଥିବା ଆଲୋକ ସ୍ତମ୍ଭର ଗୋଟିଏ ଉଜ୍ଜଳରେଖା ତାର ସମ୍ମୁଖରେ ଦୋଳାୟମାନ ହୋଇ ଉଠିଲା । ନିଜର ଅସ୍ପଷ୍ଟ ଛାୟା ଦେଖି ସେ ଦୁଇ ପାଦ ପଛକୁ ଡେଇଁ ପଡ଼ିଲା । ମୁହଁରୁ ବାହାରି ଆସିଲା ଅସ୍ପଷ୍ଟ ଚିତ୍କାର ।

ମୁଁ ମରିନାହିଁ । ମୋର କାୟା ଏବଂ ଛାୟା ଅଛି ।

ନିର୍ବାକ୍ ବୃକ୍ଷ ଲତା, ଅର୍ଦ୍ଧ ଭଗ୍ନ ପ୍ରାଚୀର ଭିତରେ ନୀରବ ଅଭିବ୍ୟକ୍ତି । ପ୍ରତି ରାତିରେ ସେ କବର ଖୋଳେ । ମନରେ ଭରସା ହୁଏ ଅନ୍ୟରାତିଟି ବିଶ୍ରାମ କରିବ । କିନ୍ତୁ ପରଦିନ ପ୍ରଭାତରେ କବର ପୂର୍ଣ୍ଣ ହୁଏ । ନିର ବଛିନ୍ନ ଜନ୍ମ ଓ ଅବିରାମ ମୃତ୍ୟୁ ଭିତରେ କବର ଖେଳା ଚାଲୁ ରହେ ।

ଅସଂଖ୍ୟ ଗତାସୁଙ୍କ ନିମନ୍ତେ ସେ କବର ଖୋଳିଛି । ଶତ ଶତ ପରଲୋକ ଗତ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଛି । ଗୋଟିଏ ପ୍ରଶ୍ନର ସମାଧାନ ସେ କରି ପାରେନା । ତା ନିଜ ନିମନ୍ତେ କିଏ କବର ଖୋଳିବ ?

ଦୁର୍ବାଦଳ ଓ ଗୁଳ୍ମରେ ପରିପୂର୍ଣ୍ଣ ଏଇ କବର ସ୍ଥାନ ଭିତରେ ସମାଧି ନେଇଛନ୍ତି ବିଭିନ୍ନ ଶ୍ରେଣୀର ଲୋକ । ଶିକ୍ଷିତ, ଅଶିକ୍ଷିତ, । ପୁଞ୍ଜିପତି, ଶ୍ରମିକ, ଆଇନ ଜୀବୀ, ସଙ୍ଗୀତଜ୍ଞ, ବୈପ୍ଳବିକ ଓ ଅପରାଧୀ । କିନ୍ତୁ ତା ପରି ଜଣେ କବର ଜଗୁଆଳି କେବେହେଲେ

ସମାଧି ନେବାକୁ ଆସିନାହିଁ । ତେବେ କ'ଣ ସେ ଅମର, ତା ଶ୍ରେଣୀର ଲୋକ କେବେ ହେଲେ ମରନ୍ତି ନାହିଁ ।

ବାହାରର ନୀରବ ଶୋଭାଯାତ୍ରା ଓ ମିଳିତ ପାଦଶବ୍ଦ ଯୋସେଫ୍‌ର ଚିନ୍ତାଧାରାରେ ବାଧା ଦେଲା । ମନରେ ତାର ବିରକ୍ତି ଆସିଲା । ଜଣେ 'କ' ଶ୍ରେଣୀର ଦାର୍ଶନିକ ପରି ସେ ଇହକାଳ ଓ ପରକାଳ ବିଷୟରେ କେତେ କ'ଣ ଭାବି ଚାଲିଥିଲା । ଭାବନାର ଖିଅ ଛିଡ଼ି ଗଲା । ଫାଟକ ଆଡ଼କୁ ବିରକ୍ତ ଭରା ଦୃଷ୍ଟିରେ ଚାହିଁଲା ଯୋସେଫ୍ । ଦୁଇ ଜଣ ପୁରୁଷ ଓ ଜଣେ ନାରୀ । ପୁରୁଷ ଦୁଇ ଜଣଙ୍କ ମଧ୍ୟରୁ ଜଣକର କାନ୍ଧରେ ଗୋଟିଏ ବସ୍ତ୍ରାଚ୍ଛାଦିତ ଶବ ।

ଶବଟିର କୌଣସି ଅଙ୍ଗ ବାହାରକୁ ଦେଖା ଯାଉ ନଥିଲା । ତଥାପି ଏପରି ଏକ କ୍ଷୁଦ୍ର ଶବ ଯାହା ତାକୁ ବିସ୍ମିତ କରିଦେଲା ।

କୋଦାଳଟିକୁ ରଖି ଦେଇ ଯୋସେଫ ନିଜର ଛୋଟ କୋଠରୀ ଆଡ଼କୁ ଅଗ୍ରସର ହେଲା । କେତେକ ମୁହୂର୍ତ୍ତ ପରେ ଫେରି ଆସିଲା ଗୋଟାଏ ଚମଡ଼ା ବନ୍ଧା ଖାତା ଧରି । ଚିତ୍ର ଗୁପ୍ତ ପାଞ୍ଜୀ । ଜାତି, ଧର୍ମ, ପରିଚୟ, ବୟସ ଓ ମୃତ୍ୟୁର କାରଣ ଠିକ୍ ଠିକ୍ ଭାବରେ ଗୋଟିଏ ଶ୍ରେଣୀ ବଦ୍ଧ ଭାବରେ ଲିପିବଦ୍ଧ । କେଉଁଟା ଅସ୍ପଷ୍ଟ ଓ କେଉଁଟି ସ୍ପଷ୍ଟ ।

ବହୁଯତ୍ନରେ ଯୋସେଫ୍ ଏଇ ଖାତାଟିକୁ ସାଇତି ରଖିଛି । କେହି ନିଜ ଆତ୍ମୀୟଙ୍କର ମୃତ୍ୟୁ ତାରିଖ ଭୁଲିଯାଇ ଥିଲେ ଯୋସେଫ୍ ସାମାନ୍ୟ ପାରିଶ୍ରମିକ ନେଇ ସେମାନଙ୍କୁ ଆବଶ୍ୟକୀୟ ସମ୍ବାଦ ଯୋଗାଇ ଦିଏ । କେତେଥର ସେ ବିଚାର ପତିଙ୍କ ସମ୍ମୁଖରେ ଏଇ ଖାତାଟିକୁ ଉପସ୍ଥାପିତ କରିଛି । ସାକ୍ଷ୍ୟ ପ୍ରଦାନ କରି ଗର୍ବୋନ୍ନତ ହୃଦୟରେ ଫେରି ଆସିଛି । ବହୁବାର ନିଜନାମ, ବାପନାମ ବିଚାରାଳୟର ନଥି ଉପରେ ଲେଖାଇଛି ।

ଖାତାଟିକୁ ଶବସହିତ ଆସିଥିବା ପୌଢ଼ଙ୍କ ହାତକୁ ବଢ଼ାଇ ଦେଇ ଯୋସେଫ୍ କହିଲା 'ଲେଖନ୍ତୁ' ।

ଖାତାଟି ଯୋସେଫ୍ ହାତରୁ ନେଇ ପ୍ରୌଢ ନୀରବରେ କେତୋଟି ଧାଡ଼ି ଲେଖିଦେଲେ । ତାପରେ, ଯୋସେଫ୍‌ର ଦାୟିତ୍ୱ ପୂର୍ଣ୍ଣ କାର୍ଯ୍ୟ ଆରମ୍ଭ ହେଲା । ଅଭିଜ୍ଞ ପୋଲିସ କର୍ମଚାରୀଙ୍କ ପରି ସେ ଶବଟିର ଅଙ୍ଗ ପ୍ରତ୍ୟଙ୍ଗ ଉପରେ ତୀକ୍ଷ୍ଣ ଦୃଷ୍ଟି ବୁଲାଇ ଆଣିଲା । ନାଁ ମୃତ୍ୟୁ ସନ୍ଦେହ ଜନକ ନୁହେଁ । ସାଧାରଣ ଅବସ୍ଥାରେ ବାଳକର ମୃତ୍ୟୁ ଘଟିଛି । କି ସୁନ୍ଦର ଶିଶୁ । ଯୋସେଫ୍‌ର ମନ କାନ୍ଦି ଉଠିଲା । କାହିଁ । ଶରୀରର କୌଣସି ସ୍ଥାନରେ ମୃତ୍ୟୁର ଛାପ ନାହିଁ । ତଥାପି ସେ ମରିଛି । ସମାଧି ଭିତରେ ବାଳକଟିକୁ ରଖି ପୁରୁଷ ଦୁଇଜଣ କେତେକ ମୁହୂର୍ତ୍ତ ନୀରବ ପ୍ରାର୍ଥନା କରିବାକୁ ଲାଗିଲେ । ତରୁଣୀଟିର ଦୁଇ ଚକ୍ଷୁ ଫୁଟାଇ ଧାର ଧାର ଅଶ୍ରୁ ଝରି ପଡ଼ୁଥିଲା । ସେ ନିଜର ନଗ୍ନ ହାତ ଦୁଇଟି ଉପରକୁ ଉଠାଇ ପରଲୋକ ଗତ ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କୁ ଜଣାଇଲା ।

ଚମକି ଉଠିଲା ଯୋସେଫ୍ । ତରୁଣୀଟିର ଡାହାଣ ହାତର ଶୁଭ୍ର ମସୃଣ ଚର୍ମ ଆଚ୍ଛାଦନକୁ ସେ ଏକ ଦୃଷ୍ଟିରେ ଚାହିଁ ରହିଲା । ନିଜର ବର୍ଦ୍ଧିଷ୍ଣୁ ଶ୍ମଶ୍ରୁ ଉପରେ ହାତ ବୁଲାଇ ଆଣି ଯୋସେଫ୍ ଦୃଷ୍ଟି ଫେରାଇଲା । ନାଁ ଏମିତି ଅନେକ ଭୁଲହୁଏ । କିନ୍ତୁ ଏ ଯେ ଏକାବେଳେକେ ନିର୍ଭୁଲ !

କେତେବେଳ ଯାଏ ଯୋସେଫ୍ ସେହିପରି ଚାହିଁ ରହିଥିଲା ସେ ଜାଣେ ନାହିଁ । ତାର ଦୃଷ୍ଟି ଆଗରୁ କବର ଖାନାଟା ଏକାବେଳେକେ ନିଶ୍ଚିହ୍ନ ହୋଇ ଗଲା । ଦୁଇ ଆଖି ଭିତରେ ରୂପାୟିତ ହୋଇ ଉଠିଲା ଗୋଟିଏ ତରୁଣୀର ଉଦ୍ଦାମ ଯୌବନ ଓ ସୁଠାମ ରୂପ । ସେ କିଏ ?

ଏ, ଏ, କବର ଖୋଳା ଗୁଣ୍ଡ ବନ୍ଦଲେଖୁନ୍ତୁ ।

ଯୋସେଫ୍‌ର ବଚନ ପ୍ରେମାଦ୍ଦୃତ ସ୍ୱପ୍ନ ଭାଙ୍ଗିଗଲା । ମାର୍ଥା ତା ପାଖକୁ ଲାଗି ଠିଆ ହୋଇଥିଲା ।

ମାର୍ଥା ଯୁବତୀ । ଦେହରେ ମାଂସର ପରିମାଣ ଟିକିଏ ବେଶୀ ମାର୍ଥା ସୁନ୍ଦରୀ ନ ହେଲେ ମଧ୍ୟ ତାର ଯୌବନ ଓ ଅତୁଟ ସ୍ୱାସ୍ଥ୍ୟ ଯୋସେଫ୍ ନିକଟରେ ଏକ ଆକର୍ଷଣୀୟ ବସ୍ତୁରୂପେ ଦେଖାଦେଇଛି ।

ମାର୍ଥାର ମାଂସଳ ଚିବୁକ ହଲାଇ ଦେଇ ଯୋସେଫ୍ କହିଲା, 'ପ୍ରିୟେ, ମୁଁ ଭାବୁଥିଲି ଏ ଲୋକ ଗୁଡ଼ାକ ଏମିତି ପୋକ ମାଛି ଭଳି ମରୁଛନ୍ତି କାହିଁକି ?

ବିରକ୍ତି ଭରାକଣ୍ଠରେ ମାର୍ଥା ଉତ୍ତର ଦେଲା 'ତୋତେ ବଞ୍ଚାଇ ରଖିବା ନିମନ୍ତେ । ନୋହିଁଲେ ତୋ ପେଟ ଭରନ୍ତା କିପରି ?

ଯୋସେଫ୍ ନୀରବ ହେଲା । ମାର୍ଥାର କଥା କାଟି ଦେବା ନିମନ୍ତେ ତାର ସାହସ ହେଲା ନାହିଁ ମନେ ମନେ ସେ ମାର୍ଥାକୁ ଭୟ କରୁଥିଲା ।

ରୁକ୍ଷ କଣ୍ଠରେ ମାର୍ଥା ପଚାରିଲା, 'ସେ ସ୍ତ୍ରୀ ଲୋକଟାକୁ ସେମିତି ଭାବରେ ଚାହିଁ ରହିଥିଲୁ କାହିଁକି ?

ଯୋସେଫ୍ ବୁଝି ପାରିଲା । ମାର୍ଥା ସବୁ ଦେଖିଛି । ଏଥର ରକ୍ଷା ନାହିଁ । ନିଜର ଦୁର୍ବଳତା ଗୋପନ ରଖି ସେ ଉତ୍ତର ଦେଲା, 'ମାର୍ଥା ତୋର ସୌନ୍ଦର୍ଯ୍ୟ ସହିତ ମୁଁ ବହୁ ସ୍ତ୍ରୀ ଲୋକଙ୍କୁ ତୁଳନା କରିଛି, କିନ୍ତୁ କାହିଁ । ତୋ ପରି ସୁନ୍ଦରୀ ପୃଥିବୀରେ ଏକା ବେଳେକେ ବିରଳ ।

ହସିଉଠି ମାର୍ଥା କହିଲା 'କାହିଁକି, ଆଜି ଗୋଟାଏ ବିବାହ କରିବାକୁ ଇଚ୍ଛା ହେଉଛି ?

ବିବାହ ? ଥରି ଉଠିଲା ଯୋସେଫ୍ । ସେ ଜାଣିଥିଲା ୧୮୦ ପାଉଣ୍ଡ ଓଜନ ମାର୍ଥାକୁ କେବେହେଲେ ସୁନ୍ଦରୀ ପର୍ଯ୍ୟାୟ ଭୁକ୍ତ କରାଯାଇ ନପାରେ । ତଥାପି ଉପରେ ସେ ତାକୁ କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ବୋଲି ଡାକୁ ଥିଲା । ମାର୍ଥାର ସ୍ଥୂଳ ଦେହ ଓ ରୁକ୍ଷ ମନ ପ୍ରତି ତାର ଯଥେଷ୍ଟ ସହାନୁଭୂତି ଥିଲେ ବି ପ୍ରାଣ ଦେଇ ସେ ତାକୁ ଭଲ ପାଇ ନଥିଲା । କେବଳ ଉପରେ ଯୋସେଫ୍ ମାର୍ଥାକୁ 'ପ୍ରିୟେ' ସମ୍ବୋଧନ କରୁଥିଲା । ମାର୍ଥା ବହୁ ବାର ଯୋସେଫ୍‌କୁ ଦାଢ଼ି କାଟି ପକାଇବା ନିମନ୍ତେ ଅନୁରୋଧ କରିଛି । ଉଦ୍ୟାନ ଭିତରେ ଥିବା ଅନାବନା ଗଛ ପରି ଦାଢ଼ୀ ଏକ ଅନାବଶ୍ୟକୀୟ ବସ୍ତୁ ବୋଲି ମାର୍ଥା ଅନେକ ଥର ବୁଝାଇଛି । କିନ୍ତୁ ଯୋସେଫ୍, ନିଜର ପ୍ରତିଜ୍ଞାରେ ଏକାବେଳେକେ ଅଟଳ । ଉତ୍ତରରେ ସେ କେବଳ କହିଛି, ମାର୍ଥା, ନାରୀର ସୁଦୀର୍ଘକୃଷ୍ଣ କେଶପରି, ଘନ ଶ୍ମଶ୍ରୁ ପୁରୁଷର ଏକ ଅଖଣ୍ଡ ଗୌରବ ।

ସେଦିନ ଆସର ପୂରା ଜମି ନ ଥିଲା । ତିନିଜଣ ବ୍ୟକ୍ତି ନୀରବରେ ବସିଥିଲେ । ବକ୍ତା ଯୋସେଫ୍ ଅନର୍ଗଳ ବକ୍ତୃତା ଉଦ୍‌ଗାର କରି ଚାଲିଥିଲେ । "ଲୋକଗୁଡ଼ାକ ବୋଡ଼ା ସାପଠାରୁ ଅଧିକ ମାନ୍ଦା ଧରଣର । ସେମାନଙ୍କର ସମୟ ଜ୍ଞାନ ମୋଟେ ନାହିଁ । ୧୯୨୭ରେ ଯେତେବେଳେ ଦ୍ୱିତୀୟ ମହାଯୁଦ୍ଧ ଆରମ୍ଭ ହେଲା ମୁଁ ଥାଏ ଆଗୁଆ ଦଳର ଜଣେ ନିର୍ଭୀକ ସୈନିକ । କେବଳ ମୋର ସମୟ ଜ୍ଞାନ ଓ ଶୃଙ୍ଖଳା ବୋଧ ଯୋଗୁଁ ଗୋଟାଏ କମ୍ପାନୀ ସିଧା ସଳଖ ମୃତ୍ୟୁ ମୁହଁରୁ ରକ୍ଷା ପାଇଗଲେ ।"

ସୌମ୍ୟ ଦର୍ଶନ ଦ୍ୱିତୀୟ ବ୍ୟକ୍ତି ହସି ଉଠିଲେ । ବିରକ୍ତ ହୋଇ ଯୋସେଫ୍ କହିଲେ, "ବିବାହ ନ କଲେ ମଧ୍ୟ ତୁମର ବୟସ କିଛି କମ୍ ହୋଇନାହିଁ । ତଥାପି ପିଲାଳିଆ କଥା ।"

ଦ୍ୱିତୀୟ ବ୍ୟକ୍ତି ପ୍ରତାପ ଆହୁରି ଯୋରରେ ହସିଉଠି କହିଲେ "ମହାଶୟ ଦ୍ୱିତୀୟ ମହାଯୁଦ୍ଧ ୧୯୨୭ରେ ଆରମ୍ଭ ହୋଇ ନ ଥିଲା । ଠିକ୍ ତାର ଏଗାର ବର୍ଷ ପରେ ।"

ଅପ୍ରସ୍ତୁତ ହୋଇପଡ଼ିଲେ ଯୋସେଫ୍ । ତୃତୀୟ ବ୍ୟକ୍ତି ଅନୁପ ଦାସ ହୋ ହୋ ହୋଇ ହସିଉଠିଲେ ।

ଏପରି ଗୋଟାଏ ଅପ୍ରତ୍ୟାଶିତ ଅପମାନ ନିମନ୍ତେ ଯୋସେଫ୍ ପ୍ରସ୍ତୁତ ନ ଥିଲେ । ରୁକ୍ଷ କଣ୍ଠରେ ସେ କହିଲେ, "ସମୟଟା ଟିକିଏ ଏପାଖ ସେପାଖ ହୋଇଗଲା । କିନ୍ତୁ ମହାଯୁଦ୍ଧଟାକୁ ତୁମେ ଅସ୍ୱୀକାର କରିପାରିବ ନାହିଁ ।"

ଯୋସେଫ୍ ଜାଣିଥିଲେ କଣ୍ଟା ମିଛ କହି ଲାଭ ନାହିଁ ।

ମାରବଲ ଭିତରେ ଗୁଞ୍ଜରି ଉଠିଲା ମୃଦୁପାଦ ଧ୍ୱନି । କାନ ଡେରି ଅନୁପ କହିଲେ, "ସେହି ଅପଦାର୍ଥ ଦୁଇଜଣ ଏବେ ଆସୁଛନ୍ତି ।"

କେତେକ ମୁହୂର୍ତ୍ତ ପରେ ଆଉ ଦୁଇଜଣ ବ୍ୟକ୍ତି ସେମାନଙ୍କ ସହିତ ଯୋଗ ଦେଲେ । ଆରମ୍ଭ ହେଲା ସୁରାପାନ । ଏମାନେ ମଦ୍ୟପି ନୁହନ୍ତି, ମଦ୍ୟ ପ୍ରତି ଆସକ୍ତି ଅଛି । ସପ୍ତାହରେ ଗୋଟିଏ ଥର ଏଇ ଆସର ଜମେ। ରାତି ଗଭୀର ହୁଏ । ଅସହ୍ୟ ହୋଇ ଉଠେ ପେଟର କ୍ଷୁଧା । ତଥାପି ଏଇ ଆସର ଭାଙ୍ଗେ ନାହିଁ । ରାତି ଗଭୀର ହେବା ସଙ୍ଗେ ସଙ୍ଗେ ବଢ଼ି ଚାଲେ ବିଭିନ୍ନ ଆଲୋଚନା । ରାଜନୀତି, ଦର୍ଶନ, ଶିକ୍ଷା, ସଂସ୍କୃତି । ଏମାନେ ଭାବନ୍ତି ଭ୍ରମ ବହୁଳ ପୃଥିବୀ ଭିତରେ କେବଳ ଏଇ ପାଞ୍ଚଜଣ ସୁପୁରୁଷ ଦୋଷ ମୁକ୍ତ ।

ଯୋସେଫ୍ ଆଖି ଭିତରେ ସୂର୍ଯ୍ୟାସ୍ତର ଲୋହିତ ଆଭା ଜମି ଆସିଥିଲା । ନିଜର ଦାଢ଼ି ଉପରେ ହାତ ବୁଲାଇ ଆଣି ସେ କହିଲା, "ସେଇ ସ୍ତ୍ରୀ ଲୋକଟା ନ ଥିଲେ ମୁଁ ନିଶ୍ଚୟ ସୂର୍ଯ୍ୟମୁଖୀକୁ ବିବାହ କରିଥାଆନ୍ତି ।"

ଅନ୍ୟମାନେ ହସି ଉଠିଲେ ।

ନିଶାର୍ଦ୍ଧର ଅନ୍ଧକାର ଭିତରେ ପ୍ରେତାୟିତ ହୋଇ ଉଠିଥିଲା କବରସ୍ଥାନ । ଝିଙ୍କାରୀର କଣ୍ଠ ଭିତରେ ଆତ୍ମପ୍ରକାଶ କଲା ଅସଂଖ୍ୟ ଗତାସୁଙ୍କର ମୃତ୍ୟୁ ସଙ୍ଗୀତ । ବାଭଙ୍ଗ ରାଗିଣୀର ବିଚ୍ଛିନ୍ନ ଲହରୀ ଭିତରେ ବଡ଼ସ ଏଇ ରାତି । ନିଜର ମାଂସଳ ଦେହରୁ ଘର୍ମ ପୋଛି ମାର୍ଥା ଗବାକ୍ଷ ନିକଟକୁ ଆସିଲା । ନକ୍ଷତ୍ର ରାଜିର କ୍ଷୀଣ ଆଲୋକ ଭିତରେ କେତୋଟି ମୌନ ସମାଧି ସ୍ତୂପ ଯେପରି ତା ଆଡ଼କୁ ଆଗେଇ ଆସିଲେ । ଚିରପରିଚିତ କବରସ୍ଥାନ ମାର୍ଥା ଆଗରେ ନୂତନ ରୂପ ନେଇ ଠିଆ ହେଲା ।

ଭୟରେ ଗବାକ୍ଷ ବନ୍ଦ କଲା ମାର୍ଥା ।

ବାହାରେ ଭାରି ପାଦ ଶବ୍ଦ । ଏହି ପାଦଶବ୍ଦ ମାର୍ଥାର ପରିଚିତ । ପ୍ରଶ୍ନ କରିବାର ଆବଶ୍ୟକତା ନାହିଁ । ମାର୍ଥା ଦ୍ୱାର ଖୋଲି ଦେଲା ।

ପ୍ରତାପଙ୍କର କାନ୍ଧରେ ଭର ଦେଇ ଠିଆ ହୋଇଥିଲା ଯୋସେଫ୍ । ସ୍ତିମିତ ଆଲୋକରେ ମାର୍ଥାକୁ ଦେଖି ସେ ଚମକି ପଡ଼ିଲା । କେତେକ ମୁହୂର୍ତ୍ତ ପରେ ନିଜକୁ ସମ୍ଭାଳି ନେଇ ସେ କହିଲା; "ଠିଆ ହୋଇ ଦେଖୁଛୁ କଅଣ । ମୋତେ ଘରକୁ ନେଇଯା ।"

"ଆଜ୍ଞା, ମାର୍ଥା କୋଠରୀ ଭିତରେ ପ୍ରବେଶ କଲା ।

ଯୋସେଫ୍ ଜାଣିଥିଲା ମାର୍ଥା ଖାଲି ହାତରେ ଫେରିବ ନାହିଁ ।

ପ୍ରତାପଙ୍କୁ ବିଦାୟ ଦେଇ ସେ ଦ୍ରୁତ ପଦରେ କୋଠରୀ ଦିଗକୁ ଅଗ୍ରସର ହେଲା । ଦୁଇଫୁଟ ଲମ୍ବର ଖଣ୍ଡିଏ ଯଷ୍ଟି ଧରି ମାର୍ଥା ବାହାରି ଆସୁଥିଲା । ନିଜର ବିକଳାଙ୍ଗ ଭବିଷ୍ୟତ କଥା ଭାବି ଅସ୍ଥିର ହୋଇ ଉଠିଲା । ଯୋସେଫ୍ କୋମଳ କଣ୍ଠରେ ସେ କହିଲା, "ପ୍ରିୟେ, ତୁମର ଏଇ ମାଂସଳ ଦେହଟିକୁ ଦେଖିଲେ ମୋର ପ୍ରେମ କବିତା ଲେଖିବାକୁ ଇଚ୍ଛା ହୁଏ । ଗତ ମହାଯୁଦ୍ଧରେ ମୁଁ ମିଶରରେ ଥିଲାବେଳେ ବହୁତ ସୁନ୍ଦରୀ ଦେଖିଛି । କିନ୍ତୁ ତୁମପରି ଓଜନଦାର ବିରଳ ।

ଯୋସେଫ୍ ଜାଣିଥିଲା ମାର୍ଥା କେବଳ ନିଜର ପ୍ରଶଂସା ବ୍ୟତୀତ ଅନ୍ୟ କିଛି ପସନ୍ଦ କରୁ ନ ଥିଲା । ଯଷ୍ଟି ଖଣ୍ଡିକ ଟେକି ଘୁରାଇ ଦେଇ ମାର୍ଥା କହିଲା, "ରୁଟି ଶୁଖିଗଲାଣି । ମାଂସ ମଧ୍ୟ ବରଫ ପାଲଟି ଗଲାଣି । ଖାଇବୁ କଅଣ ।"

"ତୁମର ଯୌବନର ଉଷ୍ମତା ଭିତରେ ସେ ପୁଣି ଗରମ ହୋଇ ଉଠିବ ପ୍ରିୟେ ।"

ମାର୍ଥାର ଗଣ୍ଡ ଉପରେ ଗୋଟିଏ ଚୁମ୍ବନ ଟାଣିଦେଲା ଯୋସେଫ୍ ।

ଶୁଖିଲା ରୁଟି ଓ ଥଣ୍ଡା ମାଂସ କେତେଟା ମିନିଟ ଭିତରେ ଶେଷ କରିଦେଲା ଯୋସେଫ୍ ।

ମାର୍ଥାର ଆଖିରେ ନିଦ ଘାରି ଆସୁଥିଲା । ଯୋସେଫ୍ କାନ ଡେରି ଶୁଣିଲା । ମାର୍ଥାର ନାକ ଶବ୍ଦରେ କୋଠରୀଟି ପ୍ରତିଧ୍ୱନିତ ହୋଇ ଉଠିଛି । କିନ୍ତୁ ତାହାରେ ଏକ ଶବ୍ଦ । ଯେପରି କେହି କବର ଖୋଳି ଚାଲିଛି । ଖପ୍, ଖପ୍ ।

କ୍ରୋଧାନ୍ୱିତ ଯୋସେଫ୍ ନିଜର ଦାଢ଼ୀ ଉପରେ ହାତ ବୁଲାଇ ଆଣିଲା । ଲୋକଗୁଡ଼ାକ ଭୟଙ୍କର ସଇତାନ । କେତେଟା ଟଙ୍କା

ଫାଙ୍କି ଦେବା ନିମନ୍ତେ କି ଗୁଳିବାଜ । ତାର ଅଜ୍ଞାତରେ କବର ସ୍ଥାନ ଭିତରେ ପଶି ଶବ ସମାଧି କରି ଗୁଳିଯିବ । ଅଚ୍ଛା ।'

ଦୀର୍ଘ ଲୌହ ଦଣ୍ଡଟି ଧରି ବାହାରି ଆସିଲା ଯୋସେଫ୍ । ଅତି ସନ୍ତର୍ପଣରେ ସେ ଦକ୍ଷିଣ ପ୍ରାନ୍ତରେ ଥିବା ଗୋଟିଏ କବର ନିକଟରେ ପହଞ୍ଚିଲା ।

ଗଭୀର ଅନ୍ଧକାର ବକ୍ଷ ଭେଦକରି ନକ୍ଷତ୍ରର କେତୋଟି ଆଲୋକ ରେଖା ସମାଧି ଉପରେ ଝୁଇଁ ପଡ଼ୁଛି । ଅନାବନା ଗଛଗୁଡ଼ିକ ଭିତରେ ନୈଶ ପବନର ମୃଦୁ ଗୁଞ୍ଜନ ଶବ୍ଦ । ଗୋଟାଏ ଦୀର୍ଘ ଛାୟା । ସର୍ବାଙ୍ଗ ଶୁଭ୍ର ବସ୍ତ୍ରରେ ଆଚ୍ଛାଦିତ । ଶବ୍ଦ ସହିତ ତାଳ ମିଳାଇ ଚଞ୍ଚଳ ହୋଇ ଉଠିଛି ସେହି ଆନ୍ଦୋଳିତ ଛାୟା ।

କେତେକ ମୁହୂର୍ତ୍ତ ଠିଆ ହୋଇ ଯୋସେଫ୍ ନୀରବରେ ସମସ୍ତ ଲକ୍ଷ୍ୟ କଲା । ଏ କଅଣ ? ଗତାତ୍ମା ଭୟରେ ଥରି ଉଠିଲା ଯୋସେଫ୍ । ଅବିଷ୍କାର କରିବା ମାତ୍ରେ ସେହି ଗତାତ୍ମା ନିଶ୍ଚୟ ତାକୁ ଆକ୍ରମଣ କରିବ ।

ଛପାକ୍ । ଯୋସେଫ୍ର ଲୌହ ଦଣ୍ଡ ଆନ୍ଦୋଳିତ ଛାୟା ଉପରେ ପଡ଼ିଲା । ଗୋଟାଏ ଆର୍ତ୍ତ ଚିତ୍କାରର ଝଙ୍କାର ପ୍ରେତାପ୍ଲୁତ କବର ସ୍ଥାନର ବକ୍ଷ ଉପରେ ଆଲୋଡ଼ନ ସୃଷ୍ଟି କଲା ।

ଥରି ଉଠିଲା ଯୋସେଫ୍ । ସେ ନରହତ୍ୟା କରି ନାହିଁ ତ ? ଦରପୋଡ଼ା ମହମ ବତି ପକେଟରୁ ବାହାର କରି ଯୋସେଫ୍ ଅଗ୍ନି ସଂଯୋଗ କଲା । ଏ କିଏ ? ଯାହାକୁ ସେ ପ୍ରାଣ ଦେଇ ଭଲ ପାଉଥିଲା । ନାଁ ସେ ତ ମରିଯାଇଛି । ଶୁଣିବା ଓ ଦେଖିବା ଭିତରେ ତଫାତ୍ ବହୁତ ।

ନମ୍ର କଣ୍ଠରେ ଯୋସେଫ୍ ଡାକିଲା ।

"ସୂର୍ଯ୍ୟମୁଖୀ"

କୌଣସି ଉତ୍ତର ନାହିଁ ।

ଯୋସେଫ୍ ପୁଣି ଡାକିଲା । "ସୂର୍ଯ୍ୟମୁଖୀ"

ଥର ଥର କଣ୍ଠରେ ସ୍ତ୍ରୀ ଲୋକଟି କହିଲା, "ତୁମେ ଭୁଲ ବୁଝିଛ, ମୁଁ ସୂର୍ଯ୍ୟମୁଖୀ ନୁହେଁ ।"

ରୁକ୍ଷ କଣ୍ଠରେ ଯୋସେଫ୍ ପ୍ରଶ୍ନ କଲା "ଏଠାରେ କଅଣ କରୁଥିଲ ?

କିଛି ନାହିଁ । ମୋର ଏକମାତ୍ର ଶିଶୁକୁ ଦେଖିବା ନିମନ୍ତେ କବର ଖୋଳୁଥିଲି ।"

ଏଇ କଣ୍ଠ ସ୍ୱର ଯୋସେଫ୍ର ପରିଚିତ । ଅସହିଷ୍ଣୁ କଣ୍ଠରେ ଯୋସେଫ୍ ଚିତ୍କାର କରି ଉଠିଲା । "ସୂର୍ଯ୍ୟ ମୁଖୀ, ତୋର ଡାହାଣ ବାହୁଟା ଦେଖା ।"

ସ୍ତ୍ରୀ ଲୋକଟି କୌଣସି ଉତ୍ତର ନଦେଇ ଫାଟକ ଦିଗକୁ ଦୌଡ଼ିବାକୁ ଲାଗିଲା । ନିଜର ସମସ୍ତ ଶକ୍ତି ବ୍ୟୟ କରି ଯୋସେଫ୍ ତାର ଅନୁଧାବନ କଲା । କିନ୍ତୁ ପାରିଲା ନାହିଁ । ସ୍ତ୍ରୀ ଲୋକଟି ଦ୍ରୁତ ଗତିରେ ଅନ୍ଧକାରର ଅତଳ ଗର୍ଭରେ ଅଦୃଶ୍ୟ ହୋଇଗଲା ।

ଦୁଇଟି ବର୍ଷ ପଛକୁ ଫେରିଗଲା ଯୋସେଫ୍ । ଅତି ଦୀର୍ଘ ନୁହେଁ । ପ୍ରତ୍ୟେକ ଦିନର ଘଟଣା ନିର୍ଭୁଲ ଭାବରେ ମନେ ଅଛି । ସ୍ୱପ୍ନ ନୁହେଁ ସତ୍ୟ । ଅତୀତକୁ ଘାଣ୍ଟିବାକୁ ଭୟ ହେଲା । ଯେପରି ଏକାଧିକ ମୃତାତ୍ମା ଅତୀତର କବର ଖୋଲି ବାହାରି ଆସିବା ନିମନ୍ତେ ସଚେଷ୍ଟ ।

ଶୀତ ପବନରେ ଯୋସେଫର ଶ୍ମଶ୍ରୁ ଥରି ଉଠିଲା । ତାର ମନେ ହେଲା, ଶତ ଶତ ପ୍ରେତଙ୍କର ଚିତ୍କାରରେ କବର ସ୍ଥାନ ପ୍ରତିଧ୍ୱନିତ ହୋଇ ଉଠୁଛି । ଭୟରେ ସେ ଫେରି ଆସିଲା ।

ମାର୍ଥା ଗାଢ଼ ନିଦରେ ଶୋଇ ପଡ଼ିଛି । ମହମବତ୍ତିର କ୍ଷୀଣ ଆଲୋକରେ ଯୋସେଫ୍ ମାର୍ଥାର ନଗ୍ନ ଅବୟବ ଉପରେ ଦୃଷ୍ଟି ବୁଲାଇ ନେଲା । ମାଂସଳ ବକ୍ଷ ଦୁଇଟି ନିଜର ଭାରସାମ୍ୟ ରକ୍ଷା କରି ନ ପାରି ବାମ ଓ ଡାହାଣକୁ ଢଳି ପଡ଼ିଛନ୍ତି । ମୁଣ୍ଡର କୁଞ୍ଚିତ କେଶ କପାଳ ଉପରକୁ ଲମ୍ବି ଆସିଛି । ସ୍ଥୂଳ ଜାନୁ ଦୁଇଟିର ସଂଗମ ସ୍ଥଳ କି ଲୋଭନୀୟ । ଯୋସେଫ୍ ଆଶ୍ଚର୍ଯ୍ୟ ହେଲା । ମାର୍ଥାର ନଗ୍ନ ଅବୟବ ଭିତରେ ସେ ଆବିଷ୍କାର କଲା ଏକ ନୂତନତ୍ୱ । ମାର୍ଥା ନାରୀ ନୁହେଁ । କୁମାରୀ, ମାର୍ଥାର ତଣ୍ଟି ଉପରେ ନାକ ବୁଲାଇ ଆଣିଲା ଯୋସେଫ୍ । ବାଃ, ମାର୍ଥା ଦେହରୁ ଏପର୍ଯ୍ୟନ୍ତ କୁଆଁରୀ ଗନ୍ଧ ଛାଡ଼ିନାହିଁ । ଯୌବନ ପରିପୁଷ୍ଟ ମାଂସର ଗନ୍ଧ ଯୋସେଫ୍‌କୁ ପାଗଳ କରି ଦେଲା । ଦୃଢ଼ବାହୁ ବନ୍ଧନ ଭିତରେ ସେ ମାର୍ଥାର ନଗ୍ନ ଦେହକୁ ଭିଡ଼ି ଧରିଲା ।

"ତୋର ଚିକ୍କଣ ମୁହଁଟାକୁ ଦେଖିଲେ ମନରେ ମୋର ସନ୍ଦେହ ସୃଷ୍ଟି ହୁଏ । ଭାବେ ବିଧାତା ଗୋଟାଏ ମସ୍ତ ଭୁଲ କରି ବସିଲା । ରୂପର ସୌନ୍ଦର୍ଯ୍ୟ ଭରି ଦେଇ ତୋତେ ପୁରୁଷ କଲା କାହିଁକି ?"

ନୀରବ ହେଲା ଯୋସେଫ୍ ।

ପ୍ରଦୀପ ହସି ଉଠିଲେ ।

ଉତ୍ସାହିତ ହୋଇ ଯୋସେଫ୍ କହିଲା "ବୁଝିଲୁ ସାଙ୍ଗ, ମୋର ଜନ୍ମ ଗୋଟାଏ ଅଭିଜାତ୍ୟ ଭଦ୍ର ବଂଶ ଭିତରେ । କିନ୍ତୁ ମୁଁ ସ୍ୱତନ୍ତ୍ର ଆଭିଜାତ୍ୟ ଭିତରେ ଅତିଷ୍ଠ ହୋଇ ଉଠିଲି ! ମୁକ୍ତ ଜୀବନ କଟାଇବା ପାଇଁ ଚାଲି ଆସିଲି ନବାଡ଼ମ୍ବର ଦୁନିଆ ଭିତରକୁ । କୌଣସି ଗୋଟିଏ ନିର୍ଜନ ସ୍ଥାନରେ ବସି·····।"

ଯୋସେଫ୍‌ର ଚକ୍ଷୁ ଦୁଇଟି ବନ୍ଦ ହୋଇ ଆସିଲା ।

ନମ୍ର କଣ୍ଠରେ ପ୍ରତାପ ପଚାରିଲେ, "ତା'ପରେ ।"

ଯୋସେଫ୍ ଚମକି ପଡ଼ିଲା, "ଓଃ, ହଁ, ସୁବର୍ଣ୍ଣ ଆଜ ସାଙ୍କର ସଙ୍ଗମ ଭିତରେ ରହି ମୁଁ କବିତା ଲେଖା ଆରମ୍ଭ କରି ଦେଲି । ଲୋକେ ମୋର କବିତା ପଢ଼ି ପାଗଳ ହୋଇ ଉଠିଲେ । ସେମାନଙ୍କର ମନ ଭିତରେ ଉନ୍ମାଦନା ଜାଗି ଉଠିଲା । ସ୍ଥାନ ଓ ସମୟର ବିଚାର ରହିଲା ନାହିଁ । ପ୍ରେମର ଅଶାନ୍ତ ବନ୍ୟାତଳେ ହାବୁଡ଼ୁବୁ ଖାଇ ସମାଜଟା ଅଣ ନିଶ୍ୱାସୀ ହୋଇ ଉଠିଲା । ସରକାର ଦେଖିଲେ ମୋର କବିତା ଉପରେ ବନ୍ଧ ନକଲେ ଆବାଳବୃଦ୍ଧ-ବନିତା ପ୍ରେମ ପାଗଳ ହୋଇଯିବେ । ମୋତେ ଖୋଜାଗଲା । ସୁବିଧା ଦେଖି ମୁଁ ଖସି ଆସିଲି । ଏକାବେଳେକେ କବିତା ଲେଖା ଛାଡ଼ି ଦେଲି । ପୋଲିସ ଏବେ ମଧ୍ୟ ମୋତେ ଖୋଜୁଛି । କିନ୍ତୁ ମୋର ଖାତିର ନାହିଁ । ସେମାନଙ୍କ ଦେହରେ ଘସି ହୋଇ ମୁଁ ଚାଲିଯାଏ । ମୁଁ ଜାଣେ ସେହି ନିର୍ବୋଧ ଦଳ ମୋତେ ଚିହ୍ନି ପାରିବେ ନାହିଁ ।

ପ୍ରତାପ ବୁଝି ପାରିଲେ ଯୋସେଫ୍ ମିଛ କହୁଛି । ଉତ୍କଣ୍ଠାଭରା କଣ୍ଠରେ ସେ କହିଲେ, "ଆପଣ ଜଣେ ମହାପୁରୁଷ ! ବାମ ବାହୁରେ ସେହି ଦାଗଟା……।"

ଯୋସେଫ୍ ଥରି ଉଠିଲା । କେତେକ ମୁହୂର୍ତ୍ତ ପରେ ଦୃଢ଼ କଣ୍ଠରେ ସେ କହିଲା, "ସେଇ ଜାପାନୀ ଜୁଆନଟାକୁ ମୁଁ ଚଣ୍ଡି ଖପି ମାରିଥିଲି । ଦ୍ୱିତୀୟ ମହାଯୁଦ୍ଧ । ବର୍ମାର ଶେଷ ପ୍ରାନ୍ତରେ ମୁଁ ଲଢୁଥାଏ । ଶ୍ରାବଣର ବୃଷ୍ଟିଧାରା ପରି ଚାଲିଥାଏ ବନ୍ଧୁକ ଓ କମାଣର ଗୁଳି । ମୋର ଖାତିର ନ ଥାଏ । ମାଡ଼ି ଚାଲିଲି ଆଗକୁ, ମୋର ଠିକ୍ ମନେ ଅଛି । ସତର ଜଣ ଜାପାନୀ ସୈନ୍ୟଙ୍କୁ ମାରି ଶୁଆଇ ଦେଲି । ମୋର ବାହୁରେ ଗୁଳିର ଆଘାତ ପାଇଲି । ଦେଖିଲି

ଯାଆମି ଯୁଆନଟା ମୋର ଆଡ଼କୁ ବନ୍ଧୁକ ଲକ୍ଷ୍ୟ କରି ଗୁହିଁ ରହିଛି । ଭୂଲ୍‌କାପରି ଧାଇଁଗଲି । ମୋର ଖ୍ରୀମରୂପ ଦର୍ଶନ କରି ତା' ହାତରୁ ବନ୍ଧୁକ ଖସିପଡ଼ିଲା ।"

ବାଧା ଦେଇ ପ୍ରତାପ କହିଲେ, "ଏ ତ ଗୁଳି ଚିହ୍ନ ନୁହେଁ । ଗୋଟାଏ କଟା ଦାଗ ।"

ହସିଉଠି ଯୋସେଫ୍ କହିଲା, "ଘଟଣା ବହୁଳ ଜୀବନରେ ମୁଁ ଅବଶ୍ୟ କେତେଟା କଥା ଭୁଲିଯାଇଛି । କିନ୍ତୁ ସେ ଯାହା ହେଉ ନା କାହିଁକି, ଦିନେ ଏ'ମୋ ଦେହର ଏଇ ସ୍ଥାନରୁ ରକ୍ତ ଝରି ପଡ଼ିଥିଲା । ଏକଥା ତୁମେ ଅସ୍ୱୀକାର କରିପାରିବ ନାହିଁ ।"

କାନ ଡେରି ଶୁଣିଲା ଯୋସେଫ୍ । ଭାରି ବୁଟର ଶବ୍ଦ । ତାର ଶଙ୍କିତ କଣ୍ଠରୁ ଗୁଞ୍ଜରି ଉଠିଲା "ପୋଲିସ ।"

ହସିଉଠି ପ୍ରତାପ କହିଲେ, "ଭୟ କଅଣ ?"

ଥରି ଥରି କଣ୍ଠରେ ଯୋସେଫ୍ କହିଲା, "ବେକୁଫ୍ ।"

ଚଟାଣ ତଳକୁ ଡେଇଁ ପଡ଼ିଲା ଯୋସେଫ୍ । ପର ମୁହୂର୍ତ୍ତରେ ଅନ୍ଧକାର ଭିତରେ ତାର ଦୋଳାୟିତ ଛାୟା ଅଦୃଶ୍ୟ ହୋଇଗଲା ।

ପ୍ରତାପ ଜାଣିଥିଲେ, ଯୋସେଫ୍ ନିଜର କାପୁରୁଷତା ଘୋଡ଼ାଇ ରଖିବା ପାଇଁ ବହୁ ମିଥ୍ୟା କୁହେ । ତଥାପି ସେହି ମିଥ୍ୟା ଅନ୍ୟ ନିକଟରେ ଆକର୍ଷଣୀୟ ହୋଇ ଉଠେ ।

ଏ ଗୋଟାଏ ଦିନ । ସକାଳୁ ଅନବରତ ବର୍ଷା ଲାଗି ରହିଛି । ସେଥିପାଇଁ ତନ୍ଦ୍ରା ନ ଥିଲା । ଝଡ଼ ଉଠିଛି । ନାଁ, ଆଉ ବେଶୀ ଦୂର ଯିବା ସମ୍ଭବ ନୁହେଁ ।"

ଅବିନାଶ ଆକାଶକୁ ଗୁହିଁଲେ । ଅନ୍ଧକାର କ୍ରମେ ଗାଢ଼ ହୋଇ ଆସୁଛି । ନିଜର ରଷ୍ଟ ୱାଚ୍‌କୁ ଗୁହିଁ ଚମକି ପଡ଼ିଲେ ଅବିନାଶ । ଆଉ ଅଧଘଣ୍ଟା ପରେ ସନ୍ଧ୍ୟା । ରାତିଟା ନିମନ୍ତେ କେଉଁଠି ଆଶ୍ରୟ ନେବାକୁ ହେବ । ଏକାକୀ ଥିଲେ ତନ୍ଦ୍ରା ନ ଥିଲା ।

କୌଣସି ହୋଟେଲରେ ଆଶ୍ରୟ ମିଳ ଥାଆନ୍ତା । ସାଙ୍ଗରେ ଦୁଇଟି ଯୁବତୀ କନ୍ୟା । ସେମାନଙ୍କୁ ନେଇ ଯିବେ କୁଆଡେ ? ଯେବେ କୌଣସି ପାନ୍ଥ ନିବାସରେ ଆଶ୍ରୟ ମିଳନ୍ତା । ସମ୍ମୁଖରୁ କେହି ଜଣେ ଆସୁଥିଲେ ।

ଆଗନ୍ତୁକଙ୍କୁ କିଛି ପଚାରିବା ନିମନ୍ତେ ଅବିନାଶଙ୍କର ଇଚ୍ଛା ହେଲା ନାହିଁ । ନିଜର ଆତ୍ମ ବଳିମା ଉପରେ ତାଙ୍କର ଦୃଢ଼ ବିଶ୍ବାସ ଥିଲା ।

ନମସ୍କାରଟିଏ କରି ଆଗନ୍ତୁକ ପଚାରିଲେ, "ମହାଶୟ, ଏ ଦୁର୍ଦ୍ଦିନରେ ଯିବେ କେଉଁଆଡେ ?"

ଅପ୍ରସ୍ତୁତ ହୋଇ ଅବିନାଶ ଉତ୍ତର ଦେଲେ, "ତାହାହିଁ ଭାବୁଥିଲି । ମୋ ନିକଟରେ ଏ ସ୍ଥାନ ଏକାବେଳକେ ଅପରିଚିତ । ପରିବ୍ରାଜକ ହେଲେ ବି ପୂର୍ବରୁ ମୁଁ ଏ ସ୍ଥାନକୁ ଆସି ନ ଥିଲି । ଏମାନେ ମୋର କନ୍ୟା ।"

ନମ୍ର କଣ୍ଠରେ ଆଗନ୍ତୁକ କହିଲେ, "ମୁଁ ମଧ୍ୟ ଏ ସ୍ଥାନକୁ ଆଜି ଆସିଛି । ତେବେ ମୋ ନିକଟରେ ଏ ସହରର ମାନଚିତ୍ର ଅଛି । ଏଠାରୁ ଅଳ୍ପ ଦୂରରେ ଗୋଟାଏ ପୁରାତନ ପାନ୍ଥ ନିବାସ ଅଛି । ରହିବା ଠିକ୍ କରାଇ ଦେବା ନିମନ୍ତେ କୌଣସି ଅସୁବିଧା ହେବ ନାହିଁ ।

ଅବିନାଶ ଏହାହିଁ ଖୋଜୁଥିଲେ । ନମ୍ର କଣ୍ଠରେ ସେ କହିଲେ "ଏହି ସୁସମ୍ବାଦ ନିମନ୍ତେ ଧନ୍ୟବାଦ ।"

ଆଗନ୍ତୁକ ସୁଧୀର ଦାସ ଓ ଅବିନାଶ ପାନ୍ଥ ନିବାସ ଦିଗକୁ ଅଗ୍ରସର ହେଲେ ।

ସହରର ଉପାନ୍ତରେ ବହୁ ପୁରାତନ ପାନ୍ଥ ନିବାସ । ଧାଡ଼ି ବନ୍ଧା ଦୁଇଟି କୋଠରୀ । ଗୋଟିଏ କୋଠରୀରେ ଦୁଇଜଣ ବୃଦ୍ଧ ଆଶ୍ରୟ ନେଇଥିଲେ । ସେମାନେ ବୋଧ ହୁଏ ଭିକ୍ଷୁକ । ସୁଧୀର

ଦାସ ଦୁଇଟି କୋଠରୀ ରେଷ୍ଟାର କରିଥିଲେ । ନିଜର ଗ୍ରେଟି ସୁନ୍ଦରୀ କନ୍ୟାଙ୍କ ସହିତ ଅବିନାଶ ଗୋଟିଏ କୋଠରୀରେ ଆଶ୍ରୟ ଗ୍ରହଣ କଲେ ।

ଷ୍ଟୋଭରେ ଅଗ୍ନି ସଂଯୋଗ କରି ସୁଧୀର ଦାସ ପଚାରିଲେ "ଆପଣ ନିଶ୍ଚୟ କଫି ଖାଇବାକୁ ପସନ୍ଦ କରିବେ । ମୋ ନିକଟରେ କଫି, ଚିନି, ଗୁଣ୍ଡ ଦୁଧ, ପାଉଁରୁଟି, ହାମ୍ ଓ ଶୁଖିଲା ମାଂସ ଅଛି । ଅଜ ରାତି ନିମନ୍ତେ ଚିନ୍ତା ନାହିଁ । କାଲି ଯେବେ ବର୍ଷା ଲାଗି ରହେ, ଏତେ ବଡ଼ ସହରରେ ଖାଦ୍ୟ ସଂଗ୍ରହ କରିବା ନିମନ୍ତେ କଷ୍ଟ ହେବ ନାହିଁ ।"

ଅବିନାଶ ନୀରବରେ ସମ୍ମତି ଜଣାଇଲେ । କିନ୍ତୁ ତାଙ୍କର ମୁଖ ମଣ୍ଡଳ କ୍ରମେ ଗମ୍ଭୀର ହୋଇ ଉଠିଲା । କଫି ଗ୍ଲାସଟି ଅବିନାଶଙ୍କ ହାତକୁ ବଢ଼ାଇ ଦେଇ ସୁଧୀର ଦାସ ପଚାରିଲେ, "ଆପଣ କଅଣ ଚିନ୍ତା କରୁଛନ୍ତି ?"

କେତେକ ମୁହୂର୍ତ୍ତ ନୀରବ ରହି ଅବିନାଶ ଉତ୍ତର ଦେଲେ "ତୁମେ ଯୁବକ, ସଂସାରର ଘାତ ଏ ପର୍ଯ୍ୟନ୍ତ ତୁମ ଉପରେ ପଡ଼ି ନାହିଁ । ତୁମେ ବୁଝିବ କଅଣ ? ଗୋଟାଏ ବିରାଟ ଆଭିଜାତ୍ୟ ଭରା ପରିବାର ଭିତରେ ମୋର ଜନ୍ମ । ମୋର ପିତା ଜଣେ ଧନଶାଳୀ ବ୍ୟକ୍ତି ଥିଲେ । ଏଥିରେ କୌଣସି ସନ୍ଦେହ ନାହିଁ । ସେ ଥିଲେ କର୍ମଠ ଓ କର୍ତ୍ତବ୍ୟ ପରାୟଣ । ପିତାଙ୍କର ପରଲୋକ ହେବା ସଙ୍ଗେ ସଙ୍ଗେ ମୋର ଆରମ୍ଭ ହେଲା । ଦୁର୍ଭାଗ୍ୟ । ମୁଁ ଘରେ ବସି ପିତାଙ୍କର ଗଚ୍ଛିତ ଧନ ଖର୍ଚ୍ଚ କରିବାରେ ଲାଗିଲି । ବସି ଖାଇଲେ ନଈବାଲି ସରେ । ମୋର ଅବସ୍ଥା ଠିକ୍ ସେଇଆ ହେଲା । ବାକି ଯାହା ଧନ ଥିଲା ସେତକ ଓ ଏଇ କନ୍ୟା ଗ୍ରେଟିଙ୍କୁ ନେଇ ଦେଶ ଭ୍ରମଣରେ ବାହାରିଛି । ସୁବିଧା ପାଇଲେ କିଛି ବ୍ୟବସାୟ ଆରମ୍ଭ କରିବି ।"

ଦୀର୍ଘ ଶ୍ୱାସଟିଏ ଟାଣି ସୁଧୀର ଦାସ ସମ ବେଦନା ଜଣାଇଲେ ।

ରାତି ଭୋଜନ ପରେ ସମସ୍ତେ ଶଯ୍ୟାର ଆଶ୍ରୟ ନେଲେ ।

ରାତି ଅର୍ଦ୍ଧଗତ । ଦୃଷ୍ଟିର ଧୂସର ପରଦା ଭିତରେ ମ୍ଳାନ ହୋଇ ଆସିଛି ଦ୍ୱାଦଶୀ ଜ୍ୟୋତ୍ସ୍ନା । ବାହାରେ ବର୍ଷାର ଅବିରାମ ଗୀତ । ଜୀର୍ଣ୍ଣ ଛାତର ଅସାହାୟତା ପ୍ରକଟ କରି ବିନ୍ଦୁ ବିନ୍ଦୁ ବୃଷ୍ଟି ଜଳ ଚଟାଣ ଉପରେ ଝରି ପଡ଼ୁଛି । ସୁଧୀର ଦାସଙ୍କର ଆଖିରେ ନିଦ୍ରା ନାହିଁ । ସିକ୍ତ ଚଟାଣ ଉପରେ ଶଯ୍ୟା ବିଛାଇବାର ଉପାୟ ବନ୍ଦ । ବୃଦ୍ଧ ଅବିନାଶଙ୍କ କଥା ଭାବି ବେଳେ ବେଳେ ସେ ଦୀର୍ଘ ନିଶ୍ୱାସଟିଏ ଟାଣି ନେଉଛନ୍ତି ।

ଦ୍ୱାରରେ ଖଟ୍ କରି ଶବ୍ଦ ହେଲା । ସୁଧୀର ଦାସ ଭାବିଲେ, ପବନର ମୃଦୁ ଆଘାତରେ ଦ୍ୱାର ଥରି ଉଠିଲା । ପର ମୁହୂର୍ତ୍ତରେ ପୁଣି ଶବ୍ଦ ହେଲା । ନିରବଚ୍ଛିନ୍ନ । ଖଟ୍, ଖଟ୍, ଖଟ୍ ।

କେହି ତାହାହେଲେ ତାଙ୍କୁ ଡାକୁଛି ।

ଅତି ସନ୍ତର୍ପଣରେ ସୁଧୀର ଦାସ ଦ୍ୱାର ଖୋଲି ଦେଲେ ।

କୋଠରୀ ଭିତରେ ପ୍ରବେଶ କଲା, ଜଣେ ସୌନ୍ଦର୍ଯ୍ୟମୟୀ ଯୁବତୀ, ଅବିନାଶଙ୍କର କନ୍ୟା ।

ଆଶ୍ଚର୍ଯ୍ୟ ହେଲେ ସୁଧୀର ଦାସ । ଅବିନାଶଙ୍କର ଦୁଗୋଟି ଯାକ କନ୍ୟା ଯୁବତୀ । ସେମାନଙ୍କ ମଧ୍ୟରେ ବଡ଼ କିଏ ଜାଣିବାର ଉପାୟ ନାହିଁ ।

ଦ୍ୱାର ଭିତରୁ ବନ୍ଦକରି ଯୁବତୀ ସୁଧୀର ଦାସଙ୍କର ନିକଟରେ ଠିଆ ହେଲା । ଖୁବ କଣ୍ଠରୁ ତାର ଝଙ୍କୃତ ହୋଇ ଉଠିଲା, ମୋ ନାଁ ରେଣୁ । ତୁମେ ମୋତେ ସାହାଯ୍ୟ କରି ପାରିବ ?

ସାହାଯ୍ୟ; ଏପରି ଅସମୟରେ ତୁମର ସାହାଯ୍ୟର ଆବଶ୍ୟକତା କଣ ?

ଆବଶ୍ୟକତା ନ ଥିଲେ ମୁଁ ଆସିଥାଆନ୍ତି କାହିଁକି ?

ତୁମେ ନିଜ ପିତାଙ୍କ ନିକଟରେ ଅଛ । ସେଥିରେ ପୁଣି ଅନ୍ୟର ସାହାଯ୍ୟ ଲୋଡ଼ୁଛ କାହିଁକି ?

ତୁମେ ମଣିଷର ମନୋବୃତ୍ତି ବୁଝିବ କପରି ? ତୁମେ ବୋଧହୁଏ ବିବାହ କରିନାହିଁ ।

ଆଶ୍ଚର୍ଯ୍ୟ ହେଲେ ସୁଧୀର ଦାସ । ତେବେ କଅଣ ସେ ତାଙ୍କୁ ବିବାହ କରିବା ନିମନ୍ତେ ଏପରି ଅସମୟରେ ଆସିଛି !

ଭୟ କର ନାହିଁ । ମୁଁ ଅଭିସାରିକା ନୁହେଁ କିମ୍ବା ତୁମକୁ ପ୍ରେମ କରିବାକୁ ଆସିନାହିଁ । ମୁଁ ଆସିଛି ତୁମକୁ ଏକ ନିଷ୍ଠୁର ସତ୍ୟ ଶୁଣାଇବାକୁ ।

ଓଃ, ତାହାହେଲେ ଅର୍ଥର ଆବଶ୍ୟକ । ତୁମର ପିତାଙ୍କଠାରୁ ସମସ୍ତ ଶୁଣି ମୁଁ ବଡ଼ ବ୍ୟଥିତ ହୋଇପଡ଼ିଛି ।

ମୁଁ ଏତେ ମାଚ ନୁହେଁ । ଅର୍ଥର ଆବଶ୍ୟକତା ନାହିଁ । ସେହି ବୃଦ୍ଧ ଜଣେ ଧନ କୁବେର ।

ନିଶାର୍ଦ୍ଧରେ ଜଣେ ଯୁବତୀ ଅପରିଚିତ ପୁରୁଷ ନିକଟକୁ ଆସିବା ଏକ ଅସାମାଜିକ ବ୍ୟାପାର ।

ଅପ୍ରାକୃତିକ ମଧ୍ୟ । ତୁମେ ଭୀରୁ । ତଥାପି ମୁଁ ତୁମକୁ ମୋର ଜୀବନର ସତ୍ୟ କାହାଣୀ ଶୁଣାଇବି । ଶୁଣ, ଆଜକୁ ଠିକ୍ ତିନିବର୍ଷ ତଳେ ମୁଁ ତୁମରି ପରି ଜଣେ ସୁଶ୍ରୀ ଯୁବକକୁ ବିବାହ କରିଥିଲି । ସେ ମୋତେ ପ୍ରାଣ ଦେଇ ଭଲ ପାଉଥିଲେ । ମୁଁ ମଧ୍ୟ—ହଠାତ ଅକାଳରେ ଝଡ଼ ଉଠିଲା । ସେ ସୁସ୍ଥ ସବଳ ଥିଲେ । ଦିନେ ହଠାତ୍ ତାଙ୍କର ମୃତ୍ୟୁହେଲା । ଡାକ୍ତର କହିଲେ ଶ୍ୱାସ ପ୍ରକ୍ରିୟା ବନ୍ଦହୋଇ ଯାଇ ତାଙ୍କର ମୃତ୍ୟୁ ଘଟିଛି । କିନ୍ତୁ ମୁଁ ତାଙ୍କର ଏହି

ମତାମତକୁ ବିଶ୍ୱାସ କରିଥିଲା । ଦିନେ ନା ଦିନେ ସେ ଏପରି ଏକ ବିପଦର ସମ୍ମୁଖୀନ ହେବେ, ତାହା ସେ ପୂର୍ବରୁ ଜାଣିଥିଲା । ତା'ପରେ······ ।

ଖଟ୍, ଖଟ୍, ଖଟ୍ ।

ଦ୍ୱାରରେ ଶବ୍ଦ ହେଲା । ରେଣୁ ଉପୁଡ଼ି ଶିହରି ଉଠିଲା ।

ସୁଧୀର ଦାସ ଉଠି ଠିଆ ହେଲେ । ଭୀରୁ କଣ୍ଠରେ ରେଣୁ କହିଲା, "ନା ନାଁ" ଦ୍ୱାର ଖୋଲନାହିଁ ।

ଗମ୍ଭୀର କଣ୍ଠରେ ଅବିନାଶ ଡାକିଲେ—'ଦ୍ୱାର ଖୋଲ' । ସୁଧୀର ଦାସଙ୍କର ମନରେ ସ୍ପନ୍ଦନ ହେଲା । ଅବିନାଶ ଯେବେ ତାକୁ ବିଶ୍ୱାସ ଘାତକ ବୋଲି ଭାବନ୍ତି ।

ସୁଧୀର ଦାସ ଦ୍ୱାର ଖୋଲିଦେଲେ । ଅବିନାଶ କୋଠରି-ଭିତରେ ପ୍ରବେଶ କଲେ । ସେପରି ଅବସ୍ଥାରେ ରେଣୁକୁ ଦେଖି ତାଙ୍କର ଭାବରେ କୌଣସି ପରିବର୍ତ୍ତନ ହେଲାନାହିଁ । ନମ୍ର କଣ୍ଠରେ ସେ କହିଲେ, 'କ୍ଷମା କରିବେ ମହାଶୟ ! ମୋର ଏହି କନ୍ୟା ପାଗଳୀ । ବେଳେ ବେଳେ ତାର ଏଇ ପାଗଳାମି ବାହାରେ । ମୁଁ ତାକୁ ବିଶେଷ କିଛି କହିପାରେ ନାହିଁ । ମାତୃହୀନା କାଳେ ମନରେ ଦୁଃଖ କରିବ । ଆ ମା' ରେଣୁ ।'

ରେଣୁକୁ ସାଙ୍ଗରେ ଧରି ବାହାରିଗଲେ ଅବିନାଶ । ସୁଧୀର ଦାସ ଭାବୁଥିଲେ, 'ଅବିନାଶ ଏପରି ଉଦାର । ତେବେ କଅଣ ରେଣୁ ପାଗଳୀ । କାହିଁ ତାର କଥାରେ ସେପରି କିଛି ସଙ୍କେତ ନଥିଲା ।

ରାତି ଶେଷ ପ୍ରାୟ । ଅବିରାମ ବର୍ଷା ଲାଗିରହିଛି । ଅବିନାଶଙ୍କର ଚିତ୍କାର ଶୁଣି ବାହାରକୁ ଆସିଲେ ସୁଧୀର ଦାସ । ପାଗଳ ପରି ଚିତ୍କାର କରୁଥିଲେ ଅବିନାଶ । ସୁଧୀର ଦାସଙ୍କୁ ଦେଖି ବ୍ୟଥା ଭରା

କଣ୍ଠରେ ଅବିନାଶ କହିଲେ । ମୋତେ ସାହାଯ୍ୟ କରନ୍ତୁ । ରେଣୁ କେଉଁ ଆଡେ ଚାଲିଯାଇଛି । ମୋର ମନେହେଉଛି, ସେ କେଉଁ ଅଡ୍ଡେ ପଳାଇ ଯାଇଛି ।'

ଅବିଚଳିତ କଣ୍ଠରେ ସୁଧୀର ଦାସ ପଚାରିଲେ 'ଆପଣ ତାଙ୍କୁ କେତେବେଳେ ଦେଖିଥିଲେ ?

ଆପଣଙ୍କ ନିକଟରୁ ଫେରିଆସିବା ପରେ ମୁଁ ଟିକିଏ କ୍ଲାନ୍ତି ଅନୁଭବ କଲି । ଶଯ୍ୟାର ଆଶ୍ରୟ ନେବା ସଙ୍ଗେ ସଙ୍ଗେ ମୋତେ ନିଦ୍ରା ଆସିଗଲା । ଉଠି ଦେଖେତ ରେଣୁ ନାହିଁ । ଏଠାରୁ ପ୍ରାୟ ଆଠ ମାଇଲ ଦୂରରେ ଗୋଟିଏ ପାନ୍ଥ ନିବାସ ଅଛି । ଏଠାକୁ ଆସିବା ପୂର୍ବରୁ ଆମେ ସେହିଠାରେ ଆଶ୍ରୟ ନେଇଥିଲୁ । ରେଣୁ ସେହି ସ୍ଥାନକୁ ପଳାଇ ଯାଇ ନାହିଁ ତ ?

ଚିନ୍ତା କରନ୍ତୁ ନାହିଁ । ମୁଁ ନିଶ୍ଚୟ ଆପଣଙ୍କୁ ସାହାଯ୍ୟ କରିବ ।

ସୁଧୀର ଦାସ ବର୍ଷାତି କୋଟ୍‌ଟି ଦେହ ଉପରେ ଟାଣିନେଇ ବାହାରି ଗଲେ ।

'ପ୍ରଭାତ ହେବାମାତ୍ରେ ଅବିନାଶ ଅନ୍ୟ ତିନିଜଣ ଯୁବକଙ୍କ ସହିତ ବାହାରକୁ ଆସିଲେ । ବକ୍ରରେ ତାଙ୍କର ମୁହଁରୁ ବାହାରି ଆସିଲା, 'ସେଇ ବେଇମାନଟାକୁ ଦେଖିଲେ ଏକାବେଳକେ ଶେଷକରି ଦିଅନ୍ତି ।'

ଅବିଶ୍ରାନ୍ତ ବୃଷ୍ଟିକୁ ଭ୍ରୂକ୍ଷେପ ନକରି ଚାରିଜଣ ଯାତ୍ରୀ ଚାଲିଥିଲେ । ରାଜପଥ ଉପରେ ପ୍ରାୟ ଚାରିଇଞ୍ଚ ବୃଷ୍ଟିଜଳ ଜମି ଆସି ଥିଲା । ଜଣେ ତରୁଣୀ ପଚାରିଲା । "ଆମେ କେଉଁଠାକୁ ଯିବା ?"

ଗମ୍ଭୀର କଣ୍ଠରେ ଅବିନାଶ ଉତ୍ତର ଦେଲେ—'ନର୍କକୁ ।'

"ସେ ଆଉ କେତେ ଦୂର ।"

ବିରକ୍ତ ହୋଇ ଅବିନାଶ କହିଲେ "କେତେଥର କହିଛି ମୋତେ କୌଣସି ପ୍ରଶ୍ନ ପଚାରିବ ନାହିଁ ।"

ନଜର ଗଡ ବନ୍ଦକରି ତରୁଣୀଟି ଠିଆ ହେଲା । ଅଭିମାନ-ଭରା କଣ୍ଠରେ ସେ କହିଲା 'ମୁଁ ମୋଟେ ଚାଲିପାରିବି ନାହିଁ ।'

ମହା ବିପଦରେ ପଡିଲେ ଅବିନାଶ । ତରୁଣୀର ହାତଧରି ସେ ଅନୁନୟ ଭରା କଣ୍ଠରେ କହିଲେ "ମୁଁ ତୁମମାନଙ୍କର ସୁଖ ନିମନ୍ତେ ସବୁବେଳେ ବ୍ୟସ୍ତ । ତୁମେ ସବୁ ବେଳେ ମୋତେ କାହିଁକି ଗଭୀର ଦୁଃଖ ଦିଅ, ମୁଁ ବୁଝିପାରେ ନାହିଁ । ଆଉ କେତେ ସମୟ ଏହିପରି ଭାବରେ ଠିଆ ହୋଇ ରହିଲେ ଥଣ୍ଡାରେ ମୋର ରକ୍ତ ପ୍ରବାହ ବନ୍ଦହୋଇ ଯିବ ।

ନିରାଶ ହୋଇ ଫେରି ଆସିଲେ ସୁଧୀର ଦାସ । ରେଣୁର ସନ୍ଧାନ ମିଳିଲା ନାହିଁ । ପରନ୍ତୁ ଦଶ ମାଇଲ ଭିତରେ କୌଣସି ପାନ୍ଥ ନିବାସ ନଥିଲା । ଅବିନାଶ ଓ ତାଙ୍କର ତିନି କନ୍ୟାଙ୍କୁ ନଦେଖି ସେ ବିବ୍ରତ ହୋଇ ପଡିଲେ । ଦୁଃଖରେ ବୃଦ୍ଧ ଅବିନାଶ ନିଶ୍ଚୟ ସେ ସ୍ଥାନ ତ୍ୟାଗ କରି ଚାଲିଯାଇଛନ୍ତି ।

ସେଇ ପିଲାଟା ପ୍ରତି ତୁମରି ଏତେ ମାୟା କାହିଁକି ? ସେ ତ ମରି ଯାଇଛି । ମୁଁ ମଧ୍ୟ ତାର ମୃତ୍ୟୁ କାମନା କରୁଥିଲି । ବଞ୍ଚିରହିଥିଲେ ସେ ନିଶ୍ଚୟ କଷ୍ଟ ଘାରି ଦାଗ ପରି ଯନ୍ତ୍ରଣା ଦାୟକ ହୋଇ ଆଆନ୍ତା ।

ସନ୍ତାନ ! ଜାରଜ ହେଉ ବା ଖାଣ୍ଟି ପିତାର ଔରସରୁ ଜାତ ହେଉ; ସେ ସନ୍ତାନ । ଗର୍ଭ ଧାରଣୀ ନିକଟରେ ପ୍ରତ୍ୟେକ ସନ୍ତାନ ସମାନ । ମୁଁ ବୋଧହୁଏ ବେଶୀଦିନ ବଞ୍ଚି ପାରିବି ନାହିଁ ।

ସୂର୍ଯ୍ୟମୁଖୀକୁ ନିଜର ବାହୁ ବନ୍ଧନ ଭିତରକୁ ଟାଣି ନେଇ ବିନୋଦ କହିଲେ, "ତୁମେ ନିଶ୍ଚୟ ମୋନିକଟରେ କୃତଜ୍ଞ ରହିବ ସୂର୍ଯ୍ୟମୁଖୀ । ତୁମ ନିମନ୍ତେ ମୁଁ ସେଇଁ ତ୍ୟାଗ କରିଛି·····।

ବାଧାଦେଇ ସୂର୍ଯ୍ୟମୁଖୀ କହିଲି "ମୁଁ ଶପଥ କରି କହୁଛି କେବେହେଲେ ଅକୃତଜ୍ଞ ହେବି ନାହିଁ ।"

ମୋତେ ବହୁବାର ଠକିଛ ସୂର୍ଯ୍ୟମୁଖୀ । ମୁଁ ମଧ୍ୟ ଶପଥ କରି କହୁଛି, ତୁମକୁ କେବେହେଲେ ଘୃଣା କରିବି ନାହିଁ । ତୁମେ ତ ସେଦିନ କହିଥିଲ ତୁମର ଅତୀତ ଜୀବନର କାହାଣୀ ଶୁଣାଇବ ବୋଲି । ମୁଁ ଯେତେବେଳେ ତୁମକୁ ଗ୍ରହଣ କରିଛି, ତୁମର ଅତୀତକୁ କେବେହେଲେ ଉପେକ୍ଷା କରିବି ନାହିଁ । ସ୍ୱର୍ଗ ସାକ୍ଷୀ । ଏଇ କୋଠରୀରେ ତୁମେ ଆଉ ମୁଁ । ତୃତୀୟ ବ୍ୟକ୍ତି କେହି ନାହିଁ । କେହି ତୁମ ଜୀବନର ଗୋପନ କାହାଣୀ ଶୁଣିବେ ନାହିଁ । ତୁମ ନାମରେ ଶପଥ ନେଇ କହୁଛି, ମୁଁ ମଧ୍ୟ କାହା ନିକଟରେ ଏକଥା ପ୍ରକାଶ କରିବି ନାହିଁ ।

ସୂର୍ଯ୍ୟମୁଖୀ ଏଇ କେତୋଟି ଦିନ ଭିତରେ ବୁଝି ପାରିଥିଲା ବିନୋଦ ଉଦାର । ବିବାହ ନ କଲେ ମଧ୍ୟ ସ୍ତ୍ରୀ ଅପେକ୍ଷା ସେ ତାକୁ ଅତ୍ୟଧିକ ସ୍ନେହ ଓ ପ୍ରେମ ଦେଇଛନ୍ତି । ତାଙ୍କ ନିକଟରେ କୌଣସି କଥା ଗୋପନ ରଖିବା ଠିକ୍ ନୁହେଁ । ଥରି ଥରି କଣ୍ଠରେ ଆରମ୍ଭ କଲା ସୂର୍ଯ୍ୟମୁଖୀ···

ତୁମେ ମୋ ଜୀବନର କଳଙ୍କିତ ଅଧ୍ୟାୟଟା ଶୁଣିଛ । ମୁଁ ବିଧବା ହେବା ପରେ ମୋର ପିତା ଦୁଃଖରେ ଭାଙ୍ଗି ପଡ଼ିଲେ । ମୁଁ ଥିଲି ତାଙ୍କର ଏକ ମାତ୍ର ସନ୍ତାନ । ସେ ମୋତେ ନିଜ ନିକଟକୁ ନେଇ ଆସିଲେ । ପୁନର୍ବିବାହ ନିମନ୍ତେ ମୋତେ ବହୁବାର ଅନୁରୋଧ

କଲେ । ମୁଁ କିନ୍ତୁ ତାଙ୍କର ଅନୁରୋଧ ରକ୍ଷା କରି ପାରିଲି ନାହିଁ । ମୋର ଦୃଢ଼ ଧାରଣା; ଥିଲା ଜୀବନରେ ନାରୀର ଥରେ ମାତ୍ର ବିବାହ ହୁଏ ।

ବିଧବା ହେବାର ଗୋଟିଏ ବର୍ଷ ପରେ ମୋର ଜୀବନ ଆକାଶରେ ଧୂମକେତୁର ଉଦୟ ହେଲା । ମୋର ଜଣେ ମଉସା ଅନେକ ସମୟରେ ଆମ ଘରକୁ ଆସୁଥିଲେ । ସେ ମୋତେ ଥରେ ତାଙ୍କ ଘରକୁ ନେଇ ଆସିଲେ । କେତୋଟି ଦିନ ଭଲରେ କଟିଗଲା ।

ସୂର୍ଯ୍ୟମୁଖୀ ଚମକି ଉଠିଲା । ଆଶ୍ଚର୍ଯ୍ୟ ହୋଇ ବିନୋଦ ପଚାରିଲେ, "କଅଣ ହେଲା ?"

କ୍ଷୀଣ କଣ୍ଠରେ ସୂର୍ଯ୍ୟମୁଖୀ ଉତ୍ତର ଦେଲା "ଗବାକ୍ଷ ନିକଟରେ କେହି ଠିଆ ହୋଇଛି ବୋଧହୁଏ ।"

ତୀକ୍ଷ୍ଣ ଦୃଷ୍ଟିରେ ଗବାକ୍ଷ ଆଡ଼କୁ ଚାହିଁ ବିନୋଦ କହିଲେ "କାହିଁ, କେହି ତ ନାହିଁ, ତୁମେ ଖୁବ୍ ଡରି ଯାଇଛ ବୋଧହୁଏ ।"

କେତେକ ମୁହୂର୍ତ୍ତ ନୀରବ ରହି ସୂର୍ଯ୍ୟମୁଖୀ ଆରମ୍ଭ କଲା— "ସେଦିନ ମେଘାଚ୍ଛନ୍ନ ଆକାଶ ତଳେ ନଇଁ ଆସିଲା ସନ୍ଧ୍ୟା । ମଉସାଙ୍କ ଘରେ ଦୁଇ ଜଣ ଅପରିଚିତ ବ୍ୟକ୍ତିଙ୍କର ଆବିର୍ଭାବ ହେଲା । ସେମାନଙ୍କ ଭିତରୁ ଜଣେ ଦୀର୍ଘକାୟ, କୃଶ । ଅନ୍ୟ ଜଣକ ଖର୍ବକାୟ ଓ ବଳିଷ୍ଠ । ମୁଁ ଭାବିଲି ସେମାନେ ମଉସାଙ୍କର ବନ୍ଧୁ ହେବେ ବୋଧହୁଏ ।"

ବାହାରେ ଝଟ୍ କରି ଶବ୍ଦ ହେଲା । ଚମକି ପଡ଼ିଲା ସୂର୍ଯ୍ୟମୁଖୀ । ତାର ମାଂସଳ ବକ୍ଷ ଉପରେ ହାତ ଦେଇ ବିନୋଦ କହିଲେ, "ଡରିଗଲ ବୋଧହୁଏ । ବାହାରେ ପବନର ଶବ୍ଦ ।"

ଭରସା ପାଇ ସୂର୍ଯ୍ୟମୁଖୀ ପୁଣି ନିଜର ଅତୀତ କାହାଣୀ ଆରମ୍ଭ କଲା—

"ରାତ୍ରି ଭୋଜନ ସାରି ମୁଁ ଶଯ୍ୟାର ଆଶ୍ରୟ ନେଲି । ଯେତେବେଳେ ନିଦ ଭାଙ୍ଗିଲା ଦେଖିଲି ଗୋଟିଏ କାରର ପଛ ସିଟ୍‌ରେ ମୁଁ ଶୋଇଛି । ସେଠି ଦୁଇ ଜଣଙ୍କ ଭିତରୁ ଖଦଡ଼କାପୁ ଲୋକଟି କାର୍ ଚଳାଉ ଥିଲା । ଅନ୍ୟ ଜଣକ ମୋ ନିକଟରେ ବସିଥିଲା । ଭୟରେ ଚିତ୍କାର କରି ଉଠିଲି ।

ମୋ ନିକଟରେ ବସିଥିବା ଲୋକଟି ଗୋଟାଏ ଛୁରୀ ବାହାର କରି ଗମ୍ଭୀର କଣ୍ଠରେ କହିଲା, "ସାବଧାନ, ଦୁଇ ହଜାର ଟଙ୍କା ମୂଲ୍ୟ ଦେଇ ତୋତେ କିଣି ଆଣିଛୁ । ଆଉଥରେ ଚିତ୍କାର କଲେ ମୁଁ ନିଶ୍ଚୟ ତୋତେ ହତ୍ୟା କରିବି ।"

ଭୟରେ ନିର୍ବାକ୍ ହୋଇ ପଡ଼ିରହିଲି । ଗୋଟାଏ ପୁରାତନ ଅଟ୍ଟାଳିକା ନିକଟରେ କାର ବନ୍ଦ ହେଲା । ସେଠି ଖଦଡ଼ କାପୁ ଲୋକଟାର ଇଙ୍ଗିତରେ ମୁଁ ଅଟ୍ଟାଳିକା ମଧ୍ୟରେ ପ୍ରବେଶ କଲି ।"

ସୂର୍ଯ୍ୟମୁଖୀ ଉଠି ଠିଆ ହେଲା । ଭୟରେ ତାର ସର୍ବାଙ୍ଗ ଥରୁଥିଲା । ଉତ୍କଣ୍ଠା ଭରା କଣ୍ଠରେ ବିନୋଦ ପଚାରିଲେ, "ପୁଣି କଅଣ ହେଲା ?"

ନିମ୍ନ କଣ୍ଠରେ ସୂର୍ଯ୍ୟମୁଖୀ ଉତ୍ତର ଦେଲା, " କିଛି ନାହିଁ, ଟିକିଏ ବାହାରୁ ଆସେ ।"

ଦ୍ୱାର ଖୋଲି ସୂର୍ଯ୍ୟମୁଖୀ ବାହାରକୁ ଆସିଲା । ପର ମୁହୂର୍ତ୍ତରେ ଆର୍ତ୍ତ ଚିତ୍କାର କରି ସେ ବାରଣ୍ଡା ଉପରେ ପଡ଼ିଗଲା । ବାରଣ୍ଡାକୁ ଆସି ବିନୋଦ ସୂର୍ଯ୍ୟମୁଖୀକୁ ଉଠାଇ ନେଲେ ।

ବିନୋଦଙ୍କର ମୁହଁ ଉପରେ ସୂର୍ଯ୍ୟମୁଖୀ ହାତ ବୁଲାଇ ଆଣିଲା । କ୍ଲାନ୍ତ କଣ୍ଠରୁ ତାର ଗୁଞ୍ଜରି ଉଠିଲା "ସେଇ ଖଦଡ଼କାପୁ ଲୋକଟା ।"

ବିନୋଦ ନିଜ ହାତରେ ଉଷ୍ମ ତରଳ ପଦାର୍ଥର ସ୍ପର୍ଶ ଅନୁଭବ କଲେ । ଆଶଙ୍କା ଭରା ହୃଦୟରେ ସେ ଆଲୋକ ଜଳାଇଲେ । ଯାହା ଦେଖିଲେ ସେଥିରେ ତାଙ୍କର ଚକ୍ଷୁ ସ୍ଥିର ହୋଇଗଲା । ସୂର୍ଯ୍ୟମୁଖୀର ବକ୍ଷରୁ ଛୁଟି ଚାଲିଥିଲା ଉଷ୍ମ ରକ୍ତ ପ୍ରବାହ ।

ଶିଶୁ ପରି ଅସ୍ଥିର ହୋଇ ଉଠିଲେ ବିନୋଦ । ଥର ଥର କଣ୍ଠରେ ସେ କହିଲେ, "ସୂର୍ଯ୍ୟମୁଖୀ ତୁମକୁ ହତ୍ୟା କଲା କିଏ ?"

ଉତ୍ତର ଦେବାର ଶକ୍ତି ସୂର୍ଯ୍ୟମୁଖୀର ନଥିଲା । ଶେଷ ଥର ନିମନ୍ତେ ସେ ବିନୋଦଙ୍କର ମୁହଁକୁ ଅନାଇଲା । ତାର ପ୍ରାଣହୀନ ଶରୀର ବିନୋଦଙ୍କର କୋଳରେ ଢଳି ପଡ଼ିଲା ।

ଏହି ହତ୍ୟା ଯେପରି ଉଦ୍ଦେଶ୍ୟ ହୀନ । ଏ ପର୍ଯ୍ୟନ୍ତ ହତ୍ୟାକାରୀ ଅପରିଚିତ । ମୋର ମନେ ହୁଏ ଆଜ କେହି ବୋଧ ହୁଏ ସୂର୍ଯ୍ୟମୁଖୀକୁ ପ୍ରେମ କରିଥିଲା । ସୂର୍ଯ୍ୟମୁଖୀ ତାର ପ୍ରେମକୁ ପ୍ରତ୍ୟାଖ୍ୟାନ କରି ବିନୋଦଙ୍କ ନିକଟକୁ ଚାଲି ଆସିଲା । ନିଶ୍ଚୟ ଏହା ଏକ ପ୍ରତିହିଂସାପରାୟଣ ହତ୍ୟା ।

ନୀରବ ହେଲେ ଇନସ୍‌ପେକ୍ଟର ବସନ୍ତ ବାବୁ ।

ଅସମ୍ଭବ ନୁହେଁ । ହତ୍ୟାକାରୀ ଅତ୍ୟନ୍ତ ଚତୁର । ନିଜର ଅନୁଧାବନ କରିବା ନିମନ୍ତେ ସେ କୌଣସି ସୂତ୍ର ଛାଡ଼ି ଯାଇ ନାହିଁ ।

ଗମ୍ଭୀର କଣ୍ଠରେ ସହକାରୀ ପ୍ରଫୁଲ୍ଲ ବାବୁ କହିଲେ ।

କେତେକ ମୁହୂର୍ତ୍ତ ଚିନ୍ତା କରି ବସନ୍ତ ବାବୁ କହିଲେ, ଘଟଣା ସ୍ଥଳରୁ ଯେଉଁ କେଶ କେତୋଟି ସଂଗ୍ରହ କରାଯାଇଥିଲା ।

ତାଙ୍କ କେଶ ବିଶେଷଜ୍ଞଙ୍କ ନିକଟକୁ ପରୀକ୍ଷା ନିମନ୍ତେ ପଠାଇ ଦିଆଯାଇ ଥିଲା । ସେ ମତ ଦେଇଛନ୍ତି ସେହି କେଶ ନାରୀର ନୁହେଁ । କୌଣସି ଜଣେ ପୁରୁଷର । ସେହି ପୁରୁଷର ବୟସ ପଞ୍ଚତିଶ କିମ୍ବା ଚାଳିଶ ହେବ ।

ସୂର୍ଯ୍ୟମୁଖୀ ତାର ଅଜ୍ଞାତ ଇତିହାସ ଅପୂର୍ଣ୍ଣ ରହି ଗଲା । ନୋହିଲେ ଏହି ହତ୍ୟାକାଣ୍ଡ ସହିତ ଜଡ଼ିତ ବହୁ ରହସ୍ୟ ଉଦ୍‌ଘାଟିତ ହୋଇଥାଆନ୍ତା ।

"କ୍ଷୋଭ ଭରା କଣ୍ଠରେ ପ୍ରଫୁଲ୍ଲ ବାବୁ କହିଲେ ।"

ଯୋସେଫ୍‌ର ଶ୍ମଶ୍ରୁ ଉପରେ ହାତ ବୁଲାଇ ଆଣିଲା ପ୍ରତାପ । ଯନ୍ତ୍ରଣାରେ ଚିତ୍କାର କରି ଉଠିଲା ଯୋସେଫ୍ । ବିରକ୍ତିଭରା କଣ୍ଠରେ ଯୋସେଫ୍ କହିଲା; "ତୁ ଗୋଟାଏ ଗଧ, କେତେଥର କହିଛି ଏଇ ଦାଢ଼ି ଦେହରେ ହାତ ଲଗାଇବୁ ନାହିଁ । ଏଇ କେଶ ଗୁଛଟିକୁ ମୁଁ ମାର୍ଥା ଅପେକ୍ଷା ବେଶୀ ପ୍ରେମ କରେ ।"

ନମ୍ର କଣ୍ଠରେ ପ୍ରତାପ କହିଲେ "କ୍ଷମା କର ଭାଇ, ତୋର ଦାଢ଼ି··· । ଏପରି ସୁନ୍ଦର ଦାଢ଼ି ମୋ ଜୀବନରେ ଦେଖି ନାହିଁ । ଲୋଭ ହୁଏ । ମନହୁଏ ପ୍ରାଣ ଭରି ତୋର ଦାଢ଼ି ଉପରେ ଚୁମ୍ବନ ଦିଅନ୍ତି ।"

ହୋ ହୋ ହୋଇ ହସି ଉଠିଲା ଯୋସେଫ୍ । ଦୈବ ଜଗତର ପ୍ରତ୍ୟେକ ପ୍ରାଣୀ ଆତ୍ମ ପ୍ରଶଂସା ଶୁଣିବା ନିମନ୍ତେ ଉଦ୍‌ଗ୍ରୀବ ।

ଅର୍ଦ୍ଧ ଅନ୍ଧକାରାଚ୍ଛନ୍ନ ଗଛ ମୂଳ ତଳେ ଆରମ୍ଭ ହେଲା ସୁରାପାନ ।

ନୈଶ ପବନର ଘାତ ପ୍ରତିଘାତ ଭିତରେ ଗୋଟିକ ପରେ ଗୋଟିଏ ଶୁଖିଲା ପତ୍ର ଖସି ପଡ଼ୁଥିଲା । ପ୍ରତ୍ୟେକ ଶବ୍ଦ ସହିତ ତାଳ ମିଳାଇ ଚମକି ଉଠୁଥିଲେ ପ୍ରତାପ । ପୁଣିଥରେ ହସି ଉଠିଲା ଯୋସେଫ୍ । ଗମ୍ଭୀର କଣ୍ଠରେ ସେ କହିଲା "ଏପରି ଚମକି ଉଠୁଛୁ କାହିଁକି ?

ଯୋସେଫ୍‌ର ମୁହଁ ଉପରେ ହାତରଖି ପ୍ରତାପ କହିଲେ, "ଏପରି ଉଚ୍ଚ କଣ୍ଠରେ କଥାବାର୍ତ୍ତା କରିବା ବନ୍ଦକର । ମୁଁ ଥରେ କହୁଛି ନା, ଆଜକାଲି ସେହି ନିଶାଚର ଦଳ ଟିକିଏ ସକ୍ରିୟ ହୋଇ ଉଠିଛନ୍ତି ।"

ଆଶ୍ଚର୍ଯ୍ୟ ହୋଇ ଯୋସେଫ୍ ପଚାରିଲା "ନିଶାଚର ଦଳ ?"

ଚାରି ଆଡ଼କୁ ଥରେ ଚାହିଁ ପ୍ରତାପ କହିଲେ । "ଆରେ, ସେଇ ପୁଲିସ । ଏବେ ଗୋଟାଏ ଖୁନ୍ ହୋଇ ଯାଇଛି ନା । ଖୁନୀ ଆସାମୀକୁ ଧରିବା ପାଇଁ ସେମାନେ ରାତି ଦିନ ବୁଲୁଛନ୍ତି ।"

ଅପ୍ରାକୃତିକ ଭାବରେ ଯୋସେଫ୍‌ର ଶୁଣ୍ଡ ଥରି ଉଠିଲା । ଅସହିଷ୍ଣୁ କଣ୍ଠରେ ସେ କହିଲା; "ସେଇ ଅପଦାର୍ଥ ଗୁଡ଼ାଙ୍କର କଥା ଭାବିଲେ ମୋର ଆହୁରି ମଦ୍ୟ ପାନ କରିବାକୁ ଇଚ୍ଛା ହୁଏ ।"

ମୁହଁରେ ବିରକ୍ତି ପ୍ରକାଶ କଲେ ମଧ୍ୟ ପୋଲିସ ପ୍ରତି ଯୋସେଫ୍‌ର ଭୟ ଥିଲା । ପୋଲିସର ଉପସ୍ଥିତି ଯୋସେଫ୍‌କୁ ଅସ୍ୱସ୍ତିକର ବୋଧ ହେଲା । ପରମୁହୂର୍ତ୍ତରେ ବୋଧହୁଏ ସେମାନେ ପହଞ୍ଚି ଯିବେ । ଚତୁର୍ଦ୍ଦିଗରେ ସନ୍ତର୍ପଣ ଦୃଷ୍ଟି ବୁଲାଇ ଆଣି ଯୋସେଫ୍ କହିଲା; "ମୋର ମନେ ହେଉଛି ମୁଁ ସେଇ ସ୍ତ୍ରୀ ଲୋକକୁ ଚିହ୍ନେ ।"- ନାଁ, ନାଁ ତା ବି ଠିକ ନୁହେଁ । ବୋଧହୁଏ ତାକୁ ଥରେ କିମ୍ବା ଦୁଇ ଥର ଦେଖିଛି । ତା ମଧ୍ୟ ଭୁଲ । ତାର ନାମଟା କାହାରଠାରୁ ଶୁଣିଛି । ତଥାପି ମୋର ସନ୍ଦେହ ହେଉଛି । ଧରନିଅ ମୁଁ ତାର ନାମ ଶୁଣି ନାହିଁ କିମ୍ବା ତାକୁ ଚିହ୍ନି ନାହିଁ । ଅର୍ଥାତ୍ ମୋ ନିକଟରେ ସେ ଜଣେ ଅପରିଚିତା ।

ତୀକ୍ଷ୍ଣ ଦୃଷ୍ଟିରେ ଯୋସେଫ୍‌ର ମୁହଁକୁ ଚାହିଁ ପ୍ରତାପ କହିଲେ, " ମୋ ଜୀବନରେ ମୁଁ ବହୁ ଯୁବତୀଙ୍କର ସାନ୍ନିଧ୍ୟ ଲାଭ କରିଛି ।

ଭ୍ରାତୃ ସମସ୍ତଙ୍କୁ ଭୁଲିଯାଇଛି । ଏବେ ଦେଖିଲେ ସେମାନଙ୍କ ଭିତରୁ ଜଣକୁ ମଧ୍ୟ ଚିହ୍ନି ପାରିବି କି ନାହିଁ ସନ୍ଦେହ ।"

ପ୍ରତାପଙ୍କର କଥାରେ ବାଧା ଦେଇ ଯୋସେଫ୍ ଗର୍ଜି ଉଠିଲା । "ସେ ଜାତିଟା ଏକାବେଳେକେ ନିର୍ବୋଧ । ସେପରି ପରିବେଷ୍ଟନୀରେ ଥିଲେ କାହାରି କଥା ମନେରୁହେ । ତୁମେ ଜାଣ ମୁଁ ମାର୍ଥାକୁ ଭୁଲିପାରେ ନାହିଁ । ଦେଶୀ ବହୁଳ ଶରୀର, ମାଂସଳ ସ୍ତନ ହେଲା ତାର ବିଶେଷତ୍ୱ । ଯେତେବେଳେ ସେ ମୋତେ ଆଲିଙ୍ଗନ ଭିତରେ ଭିଡ଼ିଧରେ, ମୋର ମନେ ହୁଏ ପୃଥିବୀର ସବୁଠାରୁ କୋମଳ ସ୍ତୂପ ଭିତରେ ମୁଁ ପୋତି ହୋଇ ପଡ଼ିଛି ।"

ନୀରବ ହେଲା ଯୋସେଫ୍ । ପ୍ରତାପଙ୍କର ଚିକ୍କଣ ଗାଲ ଉପରେ ସେ ହାତ ବୁଲାଇ ଆଣିଲା ।

ହସି ଉଠି ପ୍ରତାପ କହିଲେ 'ମୁଁ ମାର୍ଥା ନୁହେଁ ।' ଯୋସେଫ ମଧ୍ୟ ହସି ଉଠିଲା ।

ହସର ତେଜ ଗର୍ଜିତ ସ୍ୱର ନୀରବତା ଭିତରେ ବିଲୀନ ହୋଇଗଲା । ଦୁହେଁ ନୀରବ । କେତୋଟି ମୁହୂର୍ତ୍ତ କଟିଗଲା । ନୀରବତା ଭଙ୍ଗକରି ପ୍ରତାପ କହିଲେ, "ସୂର୍ଯ୍ୟମୁଖୀ ନିଶ୍ଚୟ ଆତ୍ମହତ୍ୟା କରିଛି । କିଛିଦିନ ପୂର୍ବରୁ ସେ ନିଜର ଏକ ମାତ୍ର ପୁତ୍ରକୁ ହରାଇ ଥିଲା......।"

ହାତରେ ଥିବା ଅବଶିଷ୍ଟ ମଦ୍ୟ ପାନକରି ଯୋସେଫ୍ କହିଲା "ତୁ ଗୋଟାଏ ଗଧ । ସୂର୍ଯ୍ୟମୁଖୀ ସତୀ ସାବିତ୍ରୀ ନୁହେଁ । ସେ ପିଲାଟା ମରିଯାଇଛି, ଭଲ ହୋଇଛି । ସେ ଜାରଜ ସନ୍ତାନ ।"

ଆଶ୍ଚର୍ଯ୍ୟ ହୋଇ ପ୍ରତାପ ପଚାରିଲେ, "ତୁମେ ତ ସୂର୍ଯ୍ୟମୁଖୀ ବିଷୟରେ ବହୁତ କଥା ଜାଣ ।"

ବିଶେଷ କରୁ ନାହିଁ । ଯାହା ଜାଣିଥିଲ କହିଲ । ସୂର୍ଯ୍ୟମୁଖୀ ପରି ଗୋଟାଏ ସ୍ତ୍ରୀଲୋକର ମୃତ୍ୟୁ ଉପରେ ଗୁରୁତ୍ୱ ଆରୋପ କରିବା-ଠିକ୍ ନୁହେଁ । ପୋଲିସବାଲେ କାହାରିକୁ ଧରିଲେଣି ?

କେତେକ ମୁହୂର୍ତ୍ତ ଚିନ୍ତାକରି ପ୍ରତାପ ଉତ୍ତର ଦେଲା ।

“ବୋଧହୁଏ ନୁହେଁ ।”

ବିରକ୍ତ ହୋଇ ଯୋସେଫ୍ କହିଲା “କେତେଥର କହିଲିଣି, ମୋ ସାଙ୍ଗରେ କଥା ବାର୍ତ୍ତା କଲାବେଳେ ଏଇ ବୋଧହୁଏ, କିନ୍ତୁ, ଅର୍ଥାତ୍, ଏଗୁଡ଼ାକ ବ୍ୟବହାର କରିବୁ ନାହିଁ ।

ଅଟ୍ଟାଳିକାଟି ବିରାଟ ହେଲେ ବି ଜୀର୍ଣ୍ଣ ଓ ପୁରାତନ । ବହୁ ସ୍ଥାନରୁ ଇଟା ଓ ଚୂନ ଖସି ପଡ଼ୁଛି । କେତେଗୁଡ଼ିଏ କୋଠରୀ ଅବ୍ୟବହୃତ ହୋଇ ପଡ଼ି ରହିଛି । ବାକି ଗୁଡ଼ିକ କୋଠରୀରେ କେତେଜଣ ସ୍ତ୍ରୀ ଓ ପୁରୁଷ ରହୁଛନ୍ତି । ଦୁଇଟି କୋଠରୀରୁ ଶୁଣାଯାଉଛି ସ୍ତ୍ରୀ ଲୋକମାନଙ୍କର ମୃଦୁଗୁଞ୍ଜନ । କ୍ଷୀଣ ଆଲୋକ ରେଖା ଅନ୍ଧକାର ଭିତରେ ସୃଷ୍ଟି କରିଛି କମ୍ପନ । ରହସ୍ୟ । ଏହି ଅଟ୍ଟାଳିକାର ଅତୀତ ଇତିହାସ ରହସ୍ୟ ଜଡ଼ିତ । କିଏ କାହିଁକି ଏପରି ଏକ ନିର୍ଜନ ଅରଣ୍ୟ ଭିତରେ ଏହି ବିରାଟ ଅଟ୍ଟାଳିକା ନିର୍ମାଣ କରିଥିଲା । ସେ କଥା ବୁଝିବା ନିମନ୍ତେ କେହି କେବେ ହେଲେ ଆଗ୍ରହୀ ହୋଇ ନାହିଁ ।

ଆଜି ଗୋଟିଏ କୋଠରୀରେ ଦୁଇଜଣ ଯୁବତୀ ରନ୍ଧନରେ ବ୍ୟସ୍ତ । ନିକଟରେ ରଖା ଯାଇଛି ପ୍ରଚୁର ମୃଗ ମାଂସ । ଏଇ କେତେ ଘଣ୍ଟା ପୂର୍ବରୁ ସେମାନେ ଗୋଟାଏ ହରିଣ ମାରି ଆଣିଛନ୍ତି । ରାତି ଭୋଜନ ଖୁବ୍ ଆଡ଼ମ୍ବର ପୂର୍ଣ୍ଣ । ଭଜା ମାଂସର ଲୋଭନୀୟ ଗନ୍ଧ ଦୂରକୁ ବହୁ ଦୂରକୁ ଭାସି ଯାଉଛି । ହିଶ୍ପାର ଅସଂଯତ କେଶ ସଜାଡ଼ି ଦେଉ ଦେଉ ପ୍ରଥମା କହିଲା, “ରମା;

ମୁଁ ଜାଣିଥିଲି ଜୀବନଟା ହାହାକାର ଭିତରେ କଟିଯିବ । କିନ୍ତୁ ବାପାଙ୍କର ଦୟାରୁ ଜୀବନର ଗତି ବଦଳିଯାଇଛି । ରାତ୍ରି ଶେଷ ହୋଇ ଯାଉଛି ରମା । ମୁଁ ପ୍ରଭାତର ଇଙ୍ଗିତ ଦେଖି ପାରୁଛି ।"

ଗୋଟାଏ ଦୀର୍ଘ ନିଶ୍ୱାସ ଟାଣିନେଇ ରମା ଉତ୍ତର ଦେଲା, "ସେବି ଅପା; ମୋର ମନେ ହେଉଛି ଆମମାନଙ୍କର ଭବିଷ୍ୟତ ଘୋର ଅନ୍ଧକାର ପୂର୍ଣ୍ଣ ।"

ରମାକୁ ନିଜର କୋଳ ଭିତରକୁ ଟାଣିନେଇ ସେବତୀ କହିଲା, "ମୋ ଉପରେ ତୋର ବିଶ୍ୱାସ ନାହିଁ ?"

ନମ୍ର କଣ୍ଠରେ ରମା ଉତ୍ତର ଦେଲା ସେ ଭରସା ମୋରଅଛି ସେବି ଅପା ।"

ଜଣେ ଦୀର୍ଘକାୟ ବୃଦ୍ଧ ଦ୍ୱାର ନିକଟରେ ଠିଆହୋଇ ସମସ୍ତ ଶୁଣୁଥିଲେ । ହସିଉଠି ସେ କହିଲେ "ଏବେ ରାତ୍ରି ଭୋଜନ ପ୍ରସ୍ତୁତ କର; କଥାବାର୍ତ୍ତା ହେବା ନିମନ୍ତେ ବହୁତ ସମୟ ଅଛି ।"

ଯୁବତୀ ଦୁଇଜଣ ଲଜ୍ଜାରେ ନିଜ ନିଜ କାମରେ ମନ ନିବେଶ କଲେ ।

ଅଡ଼ମ୍ବର ବହୁଳ ରାତ୍ରି ଭୋଜନ ଶେଷହେଲା ।

ବୃଦ୍ଧ ଯୁବତୀ ମାନଙ୍କର ପିତା ନହେଲେ ମଧ୍ୟ ପ୍ରତ୍ୟେକ ତାଙ୍କୁ ବାପା ବୋଲି ଡାକୁଥିଲେ ।

ରମାକୁ ସଜାଇ ଦେବାରେ ସେବତୀ ବ୍ୟସ୍ତ । ମୂଲ୍ୟବାନ ଶାଢ଼ୀ ଓ ବିଭିନ୍ନ ଅଳଙ୍କାର ଭିତରେ ରମାର ସୌନ୍ଦର୍ଯ୍ୟ ଦୁଇ ଗୁଣ ବଢ଼ିଯାଇଛି । ଯେତେ ବାଧା ଦେଲେ ମଧ୍ୟ ସେବତୀ ଶୁଣୁନାହିଁ । ସାଜ ସଜ୍ଜା ଶେଷହେଲା । ଭୀରୁକଣ୍ଠରେ ରମା ପଚାରିଲା, "ସେବି ଅପା; ଏସବୁ କାହିଁକି ?"

ଅବିଚଳିତ କଣ୍ଠରେ ସେବତୀ ଉତ୍ତରଦେଲା "ଆଜିପରା ତୋର ବାହାଘର ।"

ସେବତୀର ଚକ୍ଷୁରୁ ଦୁଇଧାର ଅଶ୍ରୁ ଝରି ପଡ଼ିଲା । ଥର ଥର କଣ୍ଠରେ ସେ କହିଲା, ମଣିଷ ଜୀବନରେ କେତେଥର ବିବାହ କରେ ?

ଦୃଢ଼ କଣ୍ଠରେ ସେବତୀ ଉତ୍ତର ଦେଲା "ବହୁବାର ।"

ମୁହାଁ ମୁହିଁ ହୋଇ ବସିଥିଲେ ଦୁଇଜଣ । ଜଣେ ବୃଦ୍ଧ, ଅନ୍ୟଜଣକ କଦାକାର ଯୁବକ । ଶରୀର ମାଂସପେଶୀ ବହୁଳ ହେଲେ ମଧ୍ୟ ଲାବଣ୍ୟହୀନ । ଦେଖିଲେ ମନେହୁଏ ବହୁ ଅପରାଧ କରି ମନଟା ପଥର ପାଲଟି ଯାଇଛି ।

ଯୁବକ କୋଠରୀର ଅସହାୟ ଝର୍କାଟା ଉପରେ ଥରକୁ ଥର ଦୃଷ୍ଟି ବୁଲାଇ ଆଣୁଥିଲେ ।

ନୀରବତା ଭଙ୍ଗକରି ବୃଦ୍ଧ କହିଲେ "ଗଗନ; ଏଥର କଥାଟା ଠିକ୍ ହୋଇଯାଉ । ହଁ, ଟିକିଏ ସୁରାପାନ କର ।"

ବୃଦ୍ଧ ରଣଜିତ ଗଗନଙ୍କ ନିକଟକୁ ସୁରାପାତ୍ର ଆଗେଇ ଦେଲେ ।

ଝର୍କା ଗ୍ରୀଲ ଉପରୁ ଦୃଷ୍ଟି ନଫେରାଇ ଗଗନ ଉତ୍ତର ଦେଲେ, "ନାଁ, ମୁଁ ସୁରା ସ୍ପର୍ଶ କରେ ନାହିଁ ।

ଆଶ୍ଚର୍ଯ୍ୟ, ସିଗାରେଟ । ରଣଜିତ ନମ୍ରକଣ୍ଠରେ ପଚାରିଲେ ।

ନାଁ ତାହା ନୁହେଁ । ମୁଁ କୌଣସି ମାଦକ ଦ୍ରବ୍ୟ ସେବନ କରେ ନାହିଁ ।

ବେଶ୍, ମୁଁ ଯାହା କହିବାର କହିସାରିଛି । ମୋର ଦାବୀ ସଙ୍ଗତ ନୁହେଁ । ଗୋଟାଏ ପିଲାକୁ ଜନ୍ମ ଦେଇ ମଣିଷ କରିବା ସହଜ କଥା ନୁହେଁ । ତେବେ ମୁଁ ତ ସେ ସମୟର ମୂଲ୍ୟ ଦାବୀ କରୁନାହିଁ । ମାତ୍ର ଦୁଇ ହଜାର ଟଙ୍କା । ବେଶୀ କିଛି ନୁହେଁ । ମୋର ଅବସ୍ଥା ଭଲ ଥିଲେ ମୁଁ ତୁମକୁ ବହୁ ସହସ୍ର ମୁଦ୍ରା ସହିତ କନ୍ୟା ଦାନ କରି ଥାଆନ୍ତି । ଦୁର୍ଭାଗ୍ୟ...।

ଗୋଟିଏ ଦୀର୍ଘ ଶ୍ୱାସଟାଣି ରଣଜିତ ବାହାରର ଅନ୍ଧକାର ଆଡ଼କୁ ଚାହିଁ ରହିଲେ ।

ଗଗନ କିଛି କହିବା ପୂର୍ବରୁ ବୃଦ୍ଧ ଗମ୍ଭୀର କଣ୍ଠରେ କହିଲେ, 'କେବଳ ସେତିକି ନୁହେଁ, ଅଳଙ୍କାର ଓ ଲୁଗାର ମୂଲ୍ୟ ଦୁଇ ହଜାରରୁ କମ ନୁହେଁ । ସେଥି ନିମନ୍ତେ ତୁମକୁ ଅର୍ଦ୍ଧ ମୂଲ୍ୟ ଦେବାକୁ ହେବ । ବାକି ହଜାରେ ଟଙ୍କା ମୂଲ୍ୟର ଅଳଙ୍କାର ମୁଁ ମୋର ଝିଅକୁ ଦାନ କରିବି ।"

ଗଗନଙ୍କର ମୁଖ ମଣ୍ଡଳ ଗମ୍ଭୀର ହୋଇ ଉଠିଲା । ଅସନ୍ତୁଷ୍ଟ କଣ୍ଠରେ ସେ କହିଲେ, 'କେହି କନ୍ୟା ବିକ୍ରୟ କରିବା ଏପର୍ଯ୍ୟନ୍ତ ମୁଁ ଶୁଣିନାହିଁ ।,

ନିର୍ବିକାର କଣ୍ଠରେ ରଣଜିତ ଉତ୍ତର ଦେଲେ, "ବହୁ ଘଟଣା ମଣିଷ ଦେଖିଲେ ବିଶ୍ୱାସ କରେ । ଆଉ କେତେକ ଘଟଣା ଅନ୍ୟଠାରୁ ଶୁଣି ତା ଉପରେ ଆସ୍ଥା ଆସେ । ପୃଥିବୀରେ ସମସ୍ତ ଜିନିଷ ଦେଖିବା ନିମନ୍ତେ ତୁମର ବୟସ ହୋଇ ନାହିଁ ।"

ମୁଦ୍ରା ପୂର୍ଣ୍ଣ ଗୋଟିଏ ଥଳୀ ଟେବୁଲ ଉପରେ ରଖି ଦେଇ ଗଗନ କହିଲେ 'ଗଣିନଅ ।'

ତୀକ୍ଷ୍ଣ ଦୃଷ୍ଟିରେ ଥରେ ଗଗନଙ୍କର ମୁହଁକୁ ଚାହିଁ ବୃଦ୍ଧ ରଣଜିତ କ୍ଷିପ୍ର ଗତିରେ ମୁଦ୍ରା ଗଣିବାକୁ ଲାଗିଲେ ।

"ଦୁଇ ହଜାର ନଅଶହ ତେରଶ, ବାକି ପଚାଶ ।"

ରଣଜିତଙ୍କର ଗମ୍ଭୀର କଣ୍ଠ ଗୁଞ୍ଜରି ଉଠିଲା ।

ପକେଟରୁ ପାଞ୍ଚଖଣ୍ଡ ନୋଟ କାଢ଼ି ଗଗନ କହିଲେ,

"ରାତି ଭୋଜନର ମୂଲ୍ୟ ମଧ୍ୟ ଦେବାକୁ ହେବ ।"

ହୋ, ହୋ, ହୋଇ ହସି ଉଠିଲେ ବୃଦ୍ଧ । କଣ୍ଠରେ କୌତୁକର ଆଭାସ । କେତେକ ମୁହୂର୍ତ୍ତ ନୀରବରେ କଟିଗଲା । ନମ୍ର କଣ୍ଠରେ,

ବୃଦ୍ଧ କହିଲେ, "ତୁମେ ମୋରେ ଅଶ୍ରଦ୍ଧା କରୁଛ ? ପାଠକ ବଂଶର ଆଭିଜାତ୍ୟ ନଜାଣେ କିଏ ? ମୋର ଦୁଇ ଭଉଣୀ ଥିଲେ । ବହୁ ସହସ୍ର ମୁଦ୍ରା ବ୍ୟୟ କରି ମୋର ପିତା ସେମାନଙ୍କର ବିବାହ ଦେଇଥିଲେ । ମୁଁ ଦରିଦ୍ର ହେଲେ ବି ଆଭିଜାତ୍ୟ ମୋ ହୃଦୟରୁ ଲୋପପାଇ ଯାଇ ନାହିଁ ।

କୋଠରୀର ନଗ୍ନ ଚଟାଣ ଉପରେ ବସି ରମା ନିଜର ଅନିଶ୍ଚିତ ଭବିଷ୍ୟତକୁ ଅପେକ୍ଷା କରିଥିଲା । ଏହି ଅଟ୍ଟାଳିକାର ରହସ୍ୟମୟ ପରିବେଶ ତା ସମ୍ମୁଖରେ ଗୋଟାଏ ଦୁର୍ଭେଦ୍ୟ ଦୁର୍ଗରୂପେ ଠିଆ ହୋଇଥିଲା । ବହୁବାର ସେ ଚେଷ୍ଟାକରିଛି, କାହାରିକୁ ପଚାରିବ । କିନ୍ତୁ ସାହସ ହୁଏ ନାହିଁ । ସେ ଏକା ନୁହେଁ, ତାରି ପରି ବହୁ ଯୁବତୀ ଏଇ ଅଟ୍ଟାଳିକା ଭିତରେ ଅଛନ୍ତି । ଅନେକ ଗଲେଣି । ନୂତନ, ପୁରାତନର ସ୍ଥାନ ପୂର୍ଣ୍ଣ କରୁଛି ।

ବୃଦ୍ଧ ରଣଜିତ । କନ୍ୟାପରି ସେ ସମସ୍ତଙ୍କୁ ସ୍ନେହ କରନ୍ତି । ପ୍ରତ୍ୟେକର ଭବିଷ୍ୟତ ନିମନ୍ତେ ସେ ବ୍ୟସ୍ତ । ଜଣକ ପରେ ଜଣେ ଆସିଛନ୍ତି । ଯୁବକ, ବୃଦ୍ଧ, ପ୍ରୌଢ଼, ସୁନ୍ଦର, କଦାକାର, ସୁସ୍ଥ, ଦୁର୍ବଳ । କେହି ଏକାକୀ ଫେରିଯାଇଛି, ଆଉ କେହି ସାଙ୍ଗରେ ଗୋଟିଏ ଗୋଟିଏ ଯୁବତୀ ଧରି । କିନ୍ତୁ ନିଃସଙ୍ଗ ପ୍ରତ୍ୟାବର୍ତ୍ତନର ସଂଖ୍ୟା ନଗଣ୍ୟ ।

ଆସବାବ ପତ୍ର ବିହୀନ କୋଠରୀ । ପ୍ରତ୍ୟେକ ଯୁବତୀଙ୍କର ଏହି କୋଠରୀରେ ସାକ୍ଷାତ ହୁଏ । ଖଣ୍ଡିଏ ତକ୍ତପୋଷ ଉପରେ ଗଦିଟିଏ ବହୁକାଳରୁ ପଡ଼ିଛି । ଆଜ ସେବିକା ଗଦିଟାକୁ ସଫା କରି ଦେଇଛି ବୋଧହୁଏ । ଗୋଟିଏ କୋଣରେ ଖଣ୍ଡିଏ ଟେବୁଲ ଆଉ ଚେୟାର ।

ସେବତୀ କଥା ଭାବି ଆଶ୍ଚର୍ଯ୍ୟ ହୁଏ ରମା । ତା ଆଖି ଆଗରେ ବହୁ ଯୁବତୀ ଏଠାରୁ ବିଦାୟ ନେଇ ଯାଇଛନ୍ତି । ସେବତୀ ଛଳ ଛଳ ଆଖିରେ ସମସ୍ତଙ୍କୁ ବିଦାୟ ଦେଇଛି । କିନ୍ତୁ ନିଜେ ବିଦାୟ ନେଇ ନାହିଁ । ବୃଦ୍ଧ ରଞ୍ଜିତ ସେବତୀକୁ ଅନ୍ୟମାନଙ୍କ ଅପେକ୍ଷା ଅତ୍ୟଧିକ ସ୍ନେହ କରନ୍ତି ।

ସେବତୀ ପ୍ରତ୍ୟେକଙ୍କୁ ବଧୂ ରୂପେ ସଜାଇ ଦିଏ । କେବେ ନିଜକୁ ସଜାଇବ ସେ କଥା ତାଙ୍କୁ କେବଳ ଜଣା ।

ଦ୍ୱାରରେ ମୃଦୁ ଆଘାତ ଶୁଣି ଉଠିଆସିଲା ରମା । ଥରୁ ହୃଦୟରେ ସେ ଦ୍ୱାର ଖୋଲିଦେଲା ।

କୋଠରୀ ଭିତରକୁ ସେହି କଦାକାର ଯୁବକ ପଶି ଆସିଲେ । ତକ୍ତପୋଷ ଉପରେ ବସିବା ପରେ ସେ କେତେକ ମୁହୂର୍ତ୍ତ ପର୍ଯ୍ୟନ୍ତ ରମାକୁ ଚାହିଁ ରହିଲେ । ରମାର ମନେ ହେଲା ଏହି କଠୋର ପରୀକ୍ଷାରେ ସେ ଉତ୍ତୀର୍ଣ୍ଣ ହୋଇ ପାରିବ ନାହିଁ ।

ତୁମର ନାମ ? ଯୁବକ ପ୍ରଶ୍ନ କଲେ ।

ରମା ! "ନାଁ ଭୁଲ କହିଲି ।"

ଠିକ ଅଛି, ଶେଫାଳୀ, ମଲ୍ଲୀ, ମାଧବୀ, ମାଳତୀ ଏହା ମଧ୍ୟରୁ ଗୋଟାଏ କିଛି ନାମ ହୋଇଥିବ ।

ନାଁ ।

ବାସନ୍ତୀ, ମେନା, ଗୁଡୁ, ନନ,

ହିଁ, ହଁ, ମନି ନାଁଟା ।

ମେନା ?

ହଁ ।

ବେଶ୍ । ତୁମର ବୟସ ଏକୋଇଶ ହେଲା ବୋଧହୁଏ ।

ତୁମେ ଠିକ କହିଛ ।

ସତର ବର୍ଷ ବୟସରେ ତୁମର ବିବାହ ହୋଇଥିଲା ।

ନୀରବ ରହିଲା ରମା ।

ନୀରବ ରହିଲ କାହିଁକି ? ମୁଁ ବୋଧହୁଏ ଭୁଲ କହିଲି । ସେ ଲୁଟର ବଡ଼ ଭଉଣୀ ହୋଇଥିବ ।

ଶ୍ଳେଷ ହସଟିଏ ମାରି ଠିଆହେଲା ରମା ।

ପାଖକୁ ଆସ । ତୁମପାଇଁ ମୁଁ ତିନିହଜାର ଟଙ୍କା ଦେଇଛି । ତୁମକୁ ଭଲ ଭାବରେ ଦେଖିବା ଅଧିକାର ମୋର ଅଛି । ଦେହରୁ ସମସ୍ତ ଲୁଗା ଖୋଲିଦିଅ ।

ରମା ଭୟରେ ଥରି ଉଠିଲା । ଅନୁନୟଭରା କଣ୍ଠରେ ସେ କହିଲା, ମୋତେ କ୍ଷମାକର । ମୋର ନାରୀତ୍ୱ ନଷ୍ଟ କରିବା ନିମନ୍ତେ ଚେଷ୍ଟା କରନାହିଁ । ମୁଁ ତୁମର ଭଉଣୀ ।

ହସି ଉଠିଲେ ଯୁବକ । ସେହି ହସ ଯେପରି ଅପ୍ରାକୃତିକ ତା ଠାରୁ ଅଧିକ ଭୟଙ୍କର । ତାଙ୍କର ଗମ୍ଭୀର କଣ୍ଠ ଗୁଞ୍ଜରି ଉଠିଲା ।

ସେ ସମ୍ପର୍କ ସ୍ଥାପନ କରିବାକୁ ଚେଷ୍ଟା କର ନାହିଁ । ତିନି ହଜାର ଟଙ୍କା କିଛି କମ୍ ନୁହେଁ । ସେତକ ଫେରି ପାଇଲେ ମୁଁ ଏହିକ୍ଷଣି ଚାଲିଯିବି । ଗୋଟାଏ କଥା, ତୁମକୁ କ୍ରୟକଲେ ମଧ୍ୟ ମୁଁ ଏପର୍ଯ୍ୟନ୍ତ ବିବାହ କରିନାହିଁ । ବିବାହ ପୂର୍ବରୁ ମୁଁ ତୁମର ଅଙ୍ଗ କେବେହେଲେ ସ୍ପର୍ଶ କରିବି ନାହିଁ । ତେବେ ଗୋଟାଏ କଥା । ପ୍ରଭାତ ପର୍ଯ୍ୟନ୍ତ ମୁଁ ଏଠାରେ ଅପେକ୍ଷା କରି ପାରିବି ନାହିଁ । ଏହି ମୁହୂର୍ତ୍ତରେ ତୁମକୁ ମୋ ସହିତ ଯିବାକୁ ହେବ ।

ରମା ନୀରବ ।

ରାତିର ଅନ୍ଧକାର ଭିତରେ ସେବକଟି ରମାକୁ ଭିଡ଼ିଧରି ଥିଲା । ଦୁହିଁଙ୍କର ଆଖିରେ ଲୁହ, ବୃଦ୍ଧ ରଙ୍କେଇ ମଧ୍ୟ କାନ୍ଦୁଥିଲେ ।

କେତୋଟି ନୀରବ ମୁହୂର୍ତ୍ତ କଟିଗଲା । ତା'ପରେ ବିଦାୟ । ଅସ୍ପଷ୍ଟ ଅନ୍ଧକାର ଭିତରେ ଗଗନ ଓ ମେନାଙ୍କର ଦୋଳାୟିତ ସ୍ୱପ୍ନ ବିଲୀନ ହୋଇଗଲା ।

କେତେଜଣ ଯୁବକ ଏହି ବିଦାୟ କାଳୀନ ଦୃଶ୍ୟ ଦେଖୁଥିଲେ । ବିରକ୍ତ ହୋଇ ରଣଜିତ କହିଲେ, "ଏଇଠି କଅଣ କରୁଛ, ଶୋଇବାର ସମୟ ହୋଇନାହିଁ ?

କୋଠରୀର ଦ୍ୱାର ବନ୍ଦଥିଲା । ମୃଦୁ ଆଲୋକ ଶିଖା ସୁପ୍ତ ଛାଦ ଉପରେ ରହସ୍ୟ ଜାଲ ଟାଣି ଦେଇଥିଲା । ପାତ୍ରରୁ ସୁରା ଢାଳି ସେବକଟି ରଣଜିତଙ୍କର ହାତକୁ ବଢ଼ାଇ ଦେଲା ।

ସେବକଟିର ଘନ କେଶ ଭିତରେ ଅଙ୍ଗୁଳି ସଞ୍ଚାଳନ କରୁ କରୁ ଅବିନାଶ କହିଲେ, 'ପ୍ରତ୍ୟେକ ଆସୁଛନ୍ତି, ଆଉ ଯାଉଛନ୍ତି । କିନ୍ତୁ ସେବକଟି କେବେ ହେଲେ ମଉଳିବ ନାହିଁ କି ଭ୍ରମର ଫେରିଯିବ ନାହିଁ ।

ବୃଦ୍ଧ ସେବକଟିକୁ ନିଜର ବାହୁ ବନ୍ଧନ ଭିତରକୁ ଟାଣି ନେଇ ତାର ମୁହଁରେ ଘନ ଘନ ଚୁମ୍ବନ ଦେବାକୁ ଲାଗିଲେ ।

ରଣଜିତଙ୍କର ଆଲିଙ୍ଗନ ଭିତରୁ ନିଜକୁ ହଟାଇ ଦେଇ ସେବକଟି କହିଲା 'ତୁମର ବୟସ ଆଗେଇ ଯାଇଛି ସତ, କିନ୍ତୁ ଶକ୍ତି ନିଖୁଣ ଅଛି ।

ବୃଦ୍ଧ ରଣଜିତ ବୋଧହୁଏ ଅମ୍ଳ ପ୍ରଶଂସା ଶୁଣି ପାରିଲେ ନାହିଁ । ସେ ସେବକଟିକୁ ଉଲଗ୍ନ କରିବା ନିମନ୍ତେ ବ୍ୟସ୍ତ ହୋଇ ଉଠିଥିଲେ ।

ତିନୋଟି ଯୁବକ କନ୍ୟାକୁ ସାଙ୍ଗରେ ଧରି ଚାଲି ଥିଲେ ଅବିନାଶ । ଏଥର ଭାଗ୍ୟ ନିଶ୍ଚୟ ତାଙ୍କ ସହିତ ପ୍ରତାରଣା କରିଛି । ଜଙ୍ଗଲ ପାର ନହେଉଣୁ ଘନେଇ ଆସିଲା ରାତିର ଅନ୍ଧକାର ।

ଭଜୋଟି ଯୁବତୀଙ୍କୁ ଧରି ସେ ଯିବେ କେଉଁଆଡେ । ଜଙ୍ଗଲ ଭିତରେ ଅନ୍ୟ କୌଣସି ଆଶ୍ରୟ ସ୍ଥଳ ନାହିଁ । କ୍ଳାନ୍ତରେ ଅବିନାଶଙ୍କର ଶରୀର ନଇଁ ଆସୁଥିଲା । ଗୋଟିଏ ଗଛ ମୂଳେ ବସିପଡ଼ି ସେ କହିଲେ; ଘଣ୍ଟିଏ ଏହି ସ୍ଥାନରେ ଆଶ୍ରୟ ନେଲେ ମନ୍ଦ ହୁଅନ୍ତା ନାହିଁ ... । କିନ୍ତୁ କାଲି ସକାଳ ପର୍ଯ୍ୟନ୍ତ ବଞ୍ଚିଲେ ତ ?

ମାତ୍ର କେତୋଟି ମୁହୂର୍ତ୍ତ ବିଶ୍ରାମ ନେଇ ପୁଣି ଚାଲିଲେ ଅବିନାଶ । ହଠାତ୍ ଚମକି ପଡ଼ି ସେ ଠିଆ ହେଲେ । ନିଶ୍ଚୟ ସେ କାହାର ପାଦ ଶବ୍ଦ ଶୁଣିଛନ୍ତି । କେତେକ ମୁହୂର୍ତ୍ତ ପରେ ଗୋଟାଏ ଛାୟା ତାଙ୍କର ପାଖ କାଟି ଚାଲିଗଲା । କମ୍ପିତ କଣ୍ଠରେ ଅବିନାଶ ପଚାରିଲେ, "କିଏ ?"

ପରିଚିତ କଣ୍ଠ ଶୁଣି ଆଗନ୍ତୁକ ଠିଆ ହେଲା । ଅବିନାଶ ଅନୁସନ୍ଧିତ୍ସୁ କଣ୍ଠରେ ପଚାରିଲେ, "କିଏ ?"

"ତୁମେ ଏତେ ଦିନ ଯାଏ କେଉଁଠି ଥିଲ । ଗତକାଲି ସକାଳ ସୁଦ୍ଧା ତୁମର ପହଞ୍ଚିବାର ଥିଲା । ତୁମକୁ ନ ଆସିବାର ଦେଖି କର୍ତ୍ତା ବଡ଼ ସନ୍ଦେହରେ ପଡ଼ିଛନ୍ତି ।"

ରଣଜିତ ଜୟକୃଷ୍ଣର କଣ୍ଠ ଶବ୍ଦ ଚିହ୍ନି ପାରିଲେ । ରଣଜିତଙ୍କର ବିଶ୍ୱସ୍ତ ଅନୁଚର । ବିରକ୍ତିଭରା କଣ୍ଠରେ ଅବିନାଶ କହିଲେ "ଦୁର୍ଦ୍ଦିନ ଓ ଝଡ଼ ବର୍ଷା ପାଇଁ ତ ମୁଁ ଦାୟୀ ନୁହେଁ । ଯାହାହେଉ ଆଉ କେତେ ଦୂର ଯିବାକୁ ହେବ ?"

ନମ୍ର କଣ୍ଠରେ ଜୟ ଉତ୍ତର ଦେଲା । "ଏଠାକୁ ତ ତୁମେ ବହୁତ ବାର ଆସିଛ । ତେବେ ବେଶୀ ଦୂର ନୁହେଁ । ଏଇ ମୋଡ଼ଟା ପାର ହୋଇଗଲେ ଆମେ ପହଞ୍ଚିବା ।"

ଆଗରେ ଚାଲିଥିଲା ଜୟ । ଅବିନାଶ ଓ ଯୁବତୀ ତିନିଜଣ ତାଙ୍କର ଅନୁଗମନ କରୁଥିଲେ ।

ଅସମୟରେ ଅବିନାଶଙ୍କୁ ପହଞ୍ଚିବାର ଦେଖି ବ୍ୟଗ୍ର ହୋଇ ଉଠିଲେ ରଣଜିତ୍ । ବହୁପୂର୍ବରୁ ସେ ଅବିନାଶଙ୍କର ଉପସ୍ଥିତି ଆଶା କରୁଥିଲେ । ଦୁଇ ବନ୍ଧୁ ରାତିର ନୀରବତାକୁ ଅବହେଳା କରି ସମସ୍ତ ବାକ୍ୟାଳାପ କରିବାକୁ ଲାଗିଲେ । ସୁରାପାନ ଉପରେ ଅଧର ସ୍ପର୍ଶ ଦେଇ ରଣଜିତ କହିଲେ; "ରାତି ବେଶୀ ହେଲାଣି, ଟିକିଏ ବିଶ୍ରାମ କଲେ ଭଲ ହୁଅନ୍ତା ।"

ଗୋଟିଏ କୋଠରି ଭିତରେ ସେବନ୍ତି ଆଉ ଜୟ ଗଭୀର ଆଲୋଚନା ମଗ୍ନ । ଆଲୋଚନାର ବିଷୟ ବସ୍ତୁ ବିଶେଷ ଗୁରୁତ୍ୱପୂର୍ଣ୍ଣ ନ ହେଲେ ମଧ୍ୟ ଅନାବଶ୍ୟକ ନୁହେଁ ।

ନିମ୍ନ କଣ୍ଠରେ ସେବନ୍ତି କହିଲା "ମୋତେ ବିଶ୍ୱାସ କର ଜୟ । ମୁଁ କେବେହେଲେ ସେହି କଦାକାର ମାଙ୍କଡ଼ଟାକୁ ଭଲ ପାଏ ନାହିଁ ।

ହସି ଉଠି ଜୟ କହିଲା; "ନାରୀ ଚରିତ୍ର ବିଚିତ୍ର । ତୁମେ ଏଠାରେ ପ୍ରାୟ ସାତ ବର୍ଷ ହେବ ହେଲାଣି । ବହୁ ରହସ୍ୟମୟ ଘଟଣା ସହିତ ତୁମର ଅତୀତ ଜଡ଼ିତ । ଏପରି ଏକ ଘଟଣା ବହୁଳ ସ୍ଥାନରେ ରହି ତୁମେ ନୀରବ ରହିଛ କିପରି ?

ନୀରବତା ଅବଲମ୍ବନ କରିବା ଅପେକ୍ଷା ମୋର ଅନ୍ୟ ଉପାୟ ନାହିଁ । ସେବନ୍ତି ନୀରବ ହେଲା ।

ଦୀର୍ଘ ନିଶ୍ୱାସଟିଏ ଟାଣି ଜୟ କହିଲା, "କେବେ ଏହି ମହାତୀର୍ଥର ପ୍ରତିଷ୍ଠା ହେବ କେଜାଣି ।"

ଧୀରେ କୋଠରିର ଦ୍ୱାର ଖୋଲିଗଲା । ସେବନ୍ତି ଓ ଜୟକୁ ଗୋଟିଏ କୋଠରି ଭିତରେ ଦେଖି ଅସନ୍ତୁଷ୍ଟ ହୋଇ ଉଠିଲେ ରଣଜିତ । ରୁକ୍ଷ କଣ୍ଠରେ ସେ କହିଲେ, "ପୂର୍ବରୁ ତୁମକୁ ବହୁବାର ସାବଧାନ କରି ଦେଇଛି ଜୟ, ତଥାପି ତୁମେ ଅଗ୍ନିରେ ଝାସଦେବା ନିମନ୍ତେ

ଉତ୍କ୍ଷିପ୍ତ ହୋଇ ଉଠିଛ । ଏହି ବିଶ୍ୱାସ ଘାତକତା ନିମନ୍ତେ କୌଣସି ଅବାଞ୍ଛିତ କାର୍ଯ୍ୟ କରିବା ନିମନ୍ତେ ମୁଁ କେବେହେଲେ ପଶ୍ଚାତ୍‌ପଦ ହେବିନାହିଁ ।”

ଦୃଢ଼ କଣ୍ଠରେ ଜମ୍ବୁ ଉତ୍ତର ଦେଲା, “ଜମ୍ବୁ ଯାହାର ଦାନା ଖାଉଛି ଚିରଦିନ ତା ନିକଟରେ ବିଶ୍ୱସ୍ତ ହୋଇ ରହିବ ।”

ହସି ଉଠିଲେ ରଣଜିତ । ନିମ୍ନ କଣ୍ଠରେ ସେ କହିଲେ, “ମୋର ବହୁ ପୁରାତନ କର୍ମଚାରୀ ଅଛନ୍ତି । ତୁମେ ମାତ୍ର କେତୋଟି ମାସ ହେଲା ଆସିଛ । ତଥାପି ମୁଁ ତୁମକୁ ସମସ୍ତଙ୍କ ଅପେକ୍ଷା ଅଧିକ ବିଶ୍ୱାସ କରେ ।”

ଅବିଚଳିତ କଣ୍ଠରେ ଜମ୍ବୁ ଉତ୍ତର ଦେଲା, “କାରଣ, ମୁଁ ବିଶ୍ୱସ୍ତ ଓ କର୍ମନିଷ୍ଠ ।”

ସେବକଟି ଉଠି ଚାଲିଯାଇ ଥିଲା । ନୀରବରେ ଫେରିଗଲେ ରଣଜିତ ।

ରାତି ଭୋଜନ ସାରିବା ନିମନ୍ତେ ବିଶେଷ ବିଳମ୍ବ ହେଲା ନାହିଁ । କେହି ନବାଗତଙ୍କର ମଧ୍ୟ ସେଦିନ ଉପସ୍ଥିତି ନାହିଁ । ରାତି ଭୋଜନ ପରେ ଜମ୍ବୁ ନିଜର କୋଠରୀ ଦ୍ୱାର ବନ୍ଦକରି ବହି ଖଣ୍ଡିଏ ଖୋଲି ବସିଲା । ଖଣ୍ଡିଏ ଡାଏରୀ ବାହାର କରି ପୃଷ୍ଠା ଉପରେ ସେ କେତେକ ପଂକ୍ତି ଲେଖିବାକୁ ମଧ୍ୟ ଭୁଲିଲା ନାହିଁ । ଏଇ ଡାଏରୀ ଲେଖିବାଟା ତାର ଅଭ୍ୟାସ ସତ କିନ୍ତୁ ତାର ଏଇ ଡାଏରୀ ତା ବ୍ୟତୀତ ଅନ୍ୟ କେହି ଦେଖିନାହିଁ ।

ଡାଏରୀ ବହିଟିକୁ ଟେବୁଲ ଉପରେ ରଖିଦେଇ ଶଯ୍ୟାର ଆଶ୍ରୟ ନେଲା ଜମ୍ବୁ । କିନ୍ତୁ କେଜାଣି କାହିଁକି ଆଖିକୁ ତାର ନିଦ ଆସିଲା ନାହିଁ । କୋଠରୀ ଭିତରେ ଯେପରି ଉଷ୍ଣତା ବଢ଼ି ଚାଲିଛି । ସେ ଦ୍ୱାର ଖୋଲି ବାହାରକୁ ଆସିଲା । ତାର ପାଖ କାଟି ଦ୍ରୁତ

ଗର୍ତ୍ତରେ କେହି ଗୁଳିଗଲା । ଅସହିଷ୍ଣୁ କଣ୍ଠରେ ଜୟ ପଚାରିଲା, "କିଏ ?"

କୌଣସି ଉତ୍ତର ନାହିଁ !

ବାହାରର ଆର୍ଦ୍ର ପବନ ସ୍ପର୍ଶରେ ଜୟ କିଞ୍ଚିତ ପ୍ରକୃତିସ୍ଥ ହେଲା ।

କୋଠରୀ ଭିତରକୁ ଫେରିଯାଇଁ ସେ ଶଯ୍ୟାର ଆଶ୍ରୟ ନେଲା । ଆଖି ଭିତରେ ତାର ଗୁଳି ନିଦ ଘାରି ଆସୁଥିଲା । ହଠାତ୍ ବାହାରେ କୋଳାହଳ । କିଛିକ୍ଷଣରେ ଜୟର ମନ ଭରିଗଲା । ଅନିଚ୍ଛା ସତ୍ତ୍ୱେ ସେ ବାହାରକୁ ଆସିଲା ।

ରଣଜିତ ଓ ଅବିନାଶ କଳହରେ ବ୍ୟସ୍ତଥିଲେ । ସେମାନଙ୍କର ତୀବ୍ର କଣ୍ଠର ପ୍ରତିଧ୍ୱନି ଜୀର୍ଣ୍ଣ ଅଟ୍ଟାଳିକା ଭିତରେ କମ୍ପନ ସୃଷ୍ଟି କରିଥିଲା । ଉତ୍ତେଜିତ କଣ୍ଠରେ ରଣଜିତ କହିଲେ, "ମୁଁ କୌଣସି କଥା ଶୁଣିବି ନାହିଁ । ପ୍ରତ୍ୟେକଙ୍କ ନିମନ୍ତେ ମୁଁ ଏକ ସହସ୍ର ମୁଦ୍ରା ବ୍ୟୟ କରିଛି । ତୁମେ ନିଶ୍ଚୟ ଅସତର୍କ ଥିଲ, ନୋହିଲେ ଗୁରିଜଣଙ୍କ ଭିତରୁ ଜଣେ ପଳାଇ ଥାଆନ୍ତା କାହିଁକି ? ସେହି ଏକ ସହସ୍ର ମୁଦ୍ରା ମୋତେ ଫେରାଇ ଦେବାକୁ ହେବ ।"

ପରାହତ କଣ୍ଠରେ ଅବିନାଶ ଉତ୍ତର ଦେଲେ, "ମୋର କୌଣସି ଅପରାଧ ନାହିଁ କିମ୍ବା ମୁଁ ଅସତର୍କ ନଥିଲି । ସେହି ଡାକ୍ତର ସହିତ ମୋର ଦେଖା ନ ହୋଇଥିଲେ ଭଲ ହୋଇ ଥାଆନ୍ତା ।

ଚମକି ପଡ଼ିଲେ ରଣଜିତ । ଆଶଙ୍କା ଭରା କଣ୍ଠରେ ସେ ପଚାରିଲେ, "ତୁମେ କାହା କଥା କହୁଛ ?"

ଉତ୍ତେଜନା ଭରା କଣ୍ଠରେ ଅବିନାଶ ଉତ୍ତର ଦେଲେ, "ସେଇ ସୁଧୀର ଦାସ କଥା ।"

ଫାନ୍ଥ ନିବାସରେ ଘଟିଥିବା ସମସ୍ତ ଘଟଣା ବର୍ଣ୍ଣନା କରିଗଲେ ଅବିନାଶ । କେତେକ ମୁହୂର୍ତ୍ତ ନୀରବରେ କଟିଗଲା । ରଣଜିତଙ୍କର କର୍କଶ କଣ୍ଠ ଗୁଞ୍ଜରି ଉଠିଲା, "ତୁମେ ବୋକା ଏକ ନମ୍ବର ବୋକା ।" ବିପଦ ଘରେ ତୁମେ ନିମନ୍ତ୍ରଣ ଦେଇ ଆସିଛ । ସେଇ ଲୋକଟାର ପରିଚୟ ଉପରେ ମୁଁ ବିଶ୍ୱାସ କରି ପାରୁନାହିଁ । ସେ ବୋଧହୁଏ···।

ବାଧା ଦେଇ ଅବିନାଶ କହିଲେ 'ଥାଉ, କ୍ରେହି ଶୁଣିବ ।'

ନମ୍ର କଣ୍ଠରେ ରଣଜିତ କହିଲେ, ଯେତେଶୀଘ୍ର ଏ ତିନିଜଣଙ୍କୁ ଦେଇ ଦେବା ଆବଶ୍ୟକ । ନୋହିଲେ ସେମାନେ ଚିଡାକାଟି ପଳାଇବେ । କେବଳ ସେତିକି ନୁହେଁ, ଆମ ଦୁହିଁଙ୍କର ସର୍ବନାଶ ନକରି ସେମାନେ ଛାଡ଼ିବେ ନାହିଁ । ତିନି ଚାରି ଜଣଙ୍କର ଅଜି ପହଞ୍ଚିବାର ଥିଲା, ସେମାନେ ଏପର୍ଯ୍ୟନ୍ତ ଆସି ନାହାନ୍ତି । ବାଟ ଭୁଲିଗଲେ ବୋଧହୁଏ ।

ବହିର୍ଦ୍ୱାର ନିକଟରେ ମୃଦୁ କୋଳାହଳ ଶୁଣି ଉତ୍ସାହିତ ହୋଇ ଉଠିଲେ ରଣଜିତ । ନମ୍ର କଣ୍ଠରେ ସେ କହିଲେ, "ସେମାନେ ପହଞ୍ଚିଗଲେ ବୋଧହୁଏ, ମୁଁ ଟିକିଏ ଦେଖି ଆସେ ।"

କେତେକ ମୁହୂର୍ତ୍ତ ନୀରବତା ମଧ୍ୟରେ କଟିଗଲା । ଫେରି ଆସିଲେ ରଣଜିତ । ଏକାକୀ ନୁହେଁ ; ସାଙ୍ଗରେ ଥିଲେ ଅଉ ତିନିଜଣ । ବହୁଦୂର ଯାତ୍ରାକରି ସେମାନେ କ୍ଳାନ୍ତହୋଇ ପଡ଼ିଥିଲେ ।

ପ୍ରତ୍ୟେକ ଆସନ ଗ୍ରହଣ କଲେ, ଅବିନାଶଙ୍କୁ ଦେଖି ଆଗନ୍ତୁକ ତିନିଜଣଙ୍କର ମୁହଁରେ ସନ୍ଦେହର ରେଖା ଫୁଟି ଉଠିଲା । ସେମାନଙ୍କର ମନୋଭାବ ବୁଝିପାରି ରଣଜିତ କହିଲେ, "ଭୟ କରିବାର କିଛି ନାହିଁ । ସେ ମୋର ଅନ୍ତରଙ୍ଗ ବନ୍ଧୁ ଅବିନାଶ ।"

କ୍ଳାନ୍ତି ହରଣ ନିମନ୍ତେ ନବାଗତଙ୍କ ମଧ୍ୟରୁ ଜଣେ ସୁରା ପାତ୍ର ହାତକୁ ନେଲା । ସୁରାପାତ୍ରଟି ଟିକିଏ ଆଗେଇ ଦେଇ ରଣଜିତ

କହିଲେ, ଏ "ସୁରା ଅତି ଉତ୍କୃଷ୍ଟ । ଜୀବନର ସାମାନ୍ୟ ଦୁର୍ବଳ ହୋଇ ଉଠିଲେ ମୁଁ ଠିକ୍ ଏହାର ଆଶ୍ରୟ ନେଇଥାଏ ।"

ସାଧାରଣ ଶିଷ୍ଟାଚାରର ଭୁଲି ଆଗନ୍ତୁକ ତିନିଜଣ ସୁରାପାନ କରିବାକୁ ଲାଗିଲେ । ସୁରାପାନ ପରେ ପରେ ରାତ୍ରି ଭୋଜନ ଶେଷ ହେଲା ।

ପ୍ରତ୍ୟେକ ନିମନ୍ତେ ମୁଁ ତୁମକୁ ଏକ ସହସ୍ର ମୁଦ୍ରା ଦେବାକୁ କହିଥିଲି । ତୁମେ ତିନି ସହସ୍ର ମୁଦ୍ରା ପାଇବାର କଥା, ସେଥି-ମଧ୍ୟରୁ ତୁମକୁ ମୁଁ ଏକ ସହସ୍ର ଦେଇ ସାରିଛି । ବାକି ଦୁଇ ହଜାର ଟଙ୍କା ତୁମେ ନେଇ ରାତ୍ରିରେ ଏଠାରୁ ଚାଲିଯାଅ ।

ନୀରବ ହେଲେ ରଣଜିତ ।

ଅସହାୟ ଦୃଷ୍ଟିରେ ଚାହିଁ ରହିଥିଲେ ଅବିନାଶ । କୌଣସି ଉତ୍ତର ଦେବା ନିମନ୍ତେ ଯେପରି ତାଙ୍କର ଶକ୍ତି ନଥିଲା ।

ଅବିନାଶଙ୍କର ଉତ୍ତରକୁ ଅପେକ୍ଷା ନ କରି ରଣଜିତ ତାଙ୍କ ହାତକୁ ଗୋଟିଏ ମୁଦ୍ରାପୂର୍ଣ୍ଣ ଥଳି ବଢାଇ ଦେଲେ ।

ଆଗନ୍ତୁକ ତିନିଜଣଙ୍କ ସହିତ କେତେକ ସମୟ ତର୍କ ବିତର୍କ ଚାଲିଲା । ଦୃଢ କଣ୍ଠରେ ରଣଜିତ କହିଲେ "ସେମାନେ ଅମ୍ଳ କମ୍ଳା ଲେମ୍ବୁ ନୁହନ୍ତି । ଦିନେ ଦୁଇ ଦିନ ରହିଲେ ପଚିଯିବେ । ପସନ୍ଦ ନହେଲେ ତୁମେ ଫେରି ଯାଇପାର । ନିଜର କନ୍ୟାଠାରୁ ଅଧିକ ସ୍ନେହ ଦେଇ ମୁଁ ସେମାନଙ୍କୁ ବଢ଼ାଇଛି । ଜଣକ ନିମନ୍ତେ ମୁଁ ମାତ୍ର ତିନିହଜାର ଟଙ୍କା ଦାବି କରିଛି । ସାମାନ୍ୟ ଅର୍ଥ ନିମନ୍ତେ ମୁଁ ମୋର ଆଭିଜାତ୍ୟକୁ ବଳି ଦେଇ ପାରିବି ନାହିଁ । "ତୁମେ ଭଦ୍ରଲୋକ ହୋଇଥିଲେ ଗୋରୁ ଗାଈ ପରି ମଣିଷକୁ ଦରଦାମ କରନ୍ତ ନାହିଁ । ଥରେ ଭଲ ଦେଖ । ଯେବେ ପସନ୍ଦ ହୁଏ ତାହା ହେଲେ ନିଅ, ନୋହିଲେ ଫେରି ଯାଅ ।"

ଅଗନ୍ତୁକ ତିନିଜଣ ଘରବରେ ବସିଥିଲେ । ସେମାନଙ୍କ ମଧ୍ୟରୁ ଜଣେ ପ୍ରୌଢ଼, ଦୁଇଜଣ ଯୁବକ । ଅଶାନ୍ତର ବହୁ ଅନୁଭୂତ ବୟସ୍କ ଲୋକଟିକୁ ସତର୍କ କରି ଦେଇଛି । ବାହାରର ଅନ୍ଧକାର ଦିଗକୁ କେତେକ ମୁହୂର୍ତ୍ତ ଚାହିଁ ସେ କହିଲେ 'ନା, ଆମର ଆଉ କିଛି କହିବାର ନାହିଁ । ତେବେ ଟିକିଏ ସେମାନଙ୍କୁ ଦେଖିବାର ସୁବିଧା ମିଳିବ ନାହିଁ ?"

ନିଶ୍ଚୟ, ନିଶ୍ଚୟ ।" ଉତ୍ସାହ ଭରା କଣ୍ଠରେ ଉତ୍ତେଜିତ କହିଲେ ।

ଅନୁଜ୍ଜ୍ୱଳ ଆଲୋକ ଭିତରେ କୋଠରୀଟି ଅଧିକ ରହସ୍ୟମୟ ହୋଇ ଉଠିଥିଲା । ଅଳ୍ପ କେତେଖଣ୍ଡ ଆସବାବ ପତ୍ର ଉପରେ ଜମାଟ ବାନ୍ଧି ଅସୁଥିଲା । ଅନ୍ଧକାରର ଝୀନ ପରଦା । ଆଗନ୍ତୁକ ତିନିଜଣ ଗୋଟିଏ ତକ୍ତପୋଷ ଉପରେ ବସି ଅନିଶ୍ଚିତ ଭବିଷ୍ୟତକୁ ଅପେକ୍ଷା କରୁଥିଲେ । ଧୀରେ ଦ୍ୱାର ଖୋଲିଗଲା । ସେବକଟି କୋଠରୀ ଭିତରେ ପ୍ରବେଶ କଲା । ଛଅଟି ଆଖିର ତୀବ୍ର ଦୃଷ୍ଟି ସେବକଟିକୁ ଅସହ୍ୟ ବୋଧ ହେଲା । ମୃଦୁ କଣ୍ଠରେ ସେବକଟି କହିଲା । "ମୁଁ ନୁହେଁ ସେମାନେ ଆସୁଛନ୍ତି ।"

କେତେକ ମୁହୂର୍ତ୍ତ ପରେ ତିନିଜଣ ଯୁବତୀ କୋଠରୀ ଭିତରେ ପ୍ରବେଶ କଲେ । ଯନ୍ତ୍ରଚାଳିତପରି ସେମାନେ ସେବକଟି ନିକଟରେ ଠିଆ ହେଲେ । ଲଜ୍ଜାରେ ପ୍ରତ୍ୟେକଙ୍କର ମୁହଁ ତଳକୁ ନଇଁ ଆସୁଥିଲା । ଏପରି ଭାବରେ ପ୍ରତାରିତ ହେବେ । ସେମାନଙ୍କ ଭିତରୁ ସ୍ୱପ୍ନରେ ସୁଦ୍ଧା କେହି ଭାବି ନଥିଲେ ।

ପ୍ରୌଢ଼ଜଣକ ନିମ୍ନ କଣ୍ଠରେ କହିଲେ, 'ଟିକିଏ ଆଲୁଅଟା ତେଜି ଦିଅ ।'

ସେବକଟି ଲଣ୍ଠନଟାକୁ ଟିକିଏ ତେଜି ଦେଲା ।

ଅଦ୍ଭୁତ ସେହି ଦୃଶ୍ୟ। ବୟସ୍କ ଲୋକ ଜଣକେ ଥରକୁ ଥର ଓଠ ଘୃଷୁଥିଲେ। ସତେ ଯେପରି ତାଙ୍କ ସମ୍ମୁଖରେ କୌଣସି ଲୋଭନୀୟ ଖାଦ୍ୟ ରଖାଯାଇଥିଲା।

ଯୁବକ ଦୁହିଙ୍କ ମଧ୍ୟରୁ ଜଣେ ମାରବତା ଭଙ୍ଗକରି କହିଲା, 'ଏମାନେ ଖୁବ ହୃଷ୍ଟ, ପୁଷ୍ଟ ଅଛନ୍ତି। ମୁଁ ଭାବୁଥିଲି ଟଙ୍କା ଗୁଡାକ ଏକାବେଳେକେ ପାଣିରେ ପଡ଼ିଗଲା। ଘଣ୍ଟା ଏହିଠାରେ କଟାଇ ଦେଲେ କପରି ହୁଅନ୍ତା।'

ପ୍ରତିବାଦଭରା କଣ୍ଠରେ ସେଜଣେ କହିଲା "ଅବଶ୍ୟ ଏ କୋଠରୀରେ ନୁହେଁ। କିନ୍ତୁ ଘଣ୍ଟା ଏଇ ଅଟ୍ଟାଳିକାରେ କଟାଇ ଦେଲେ କୌଣସି ଆପତ୍ତି ନାହିଁ। କାଲି ସକାଳୁ ଏମାନଙ୍କୁ ସାଙ୍ଗରେ ଧରି ଚାଲିଯିବ।

ଯୁବତୀ ତିନିଜଣଙ୍କ ଭିତରୁ ଜଣେ ଅସନ୍ତୁଷ୍ଟ କଣ୍ଠରେ କହିଲା 'କାହିଁକି, ଧର୍ମପିତା ଆମକୁ କହିଥିଲେ ଏଇ ଆଶ୍ରମ ଛାଡ଼ି କେଉଁ ଆଡ଼େ ଯିବାକୁ ହେବ ନାହିଁ।

ସେ ଗଲେ କେଉଁ ଆଡ଼େ ?"

ହସି ଉଠି ସେଜଣେ ଉତ୍ତର ଦେଲା, 'ଲୋକେ ଯାହା କୁହନ୍ତି ତା କରନ୍ତି ନାହିଁ।'

ପ୍ରଭାତ ଆଲୋକ ଧରା ସ୍ପର୍ଶ କରିବା ପୂର୍ବରୁ ନବାଗତ ତିନିଜଣ ଯୁବତୀ ତିନିଟିଙ୍କୁ ସାଙ୍ଗରେ ଧରି ଚାଲି ଯାଇଥିଲେ। ସେମାନଙ୍କ ଚକ୍ଷୁର ଅବାରିତ ଅଶ୍ରୁ କାହାରି ମନ ତରଳାଇ ପାରିଲା ନାହିଁ।

ସେଦିନ ଯୋସେଫ୍ ଅତ୍ୟଧିକ ମଦ୍ୟପାନ କରିଥିଲା। ଖ୍ରୀଷ୍ଟ ବସ୍ତ୍ର ତଳୁ ମାର୍ଥାର ମାଂସଳ ବକ୍ଷ ଦୁଇଟି ସଗର୍ବରେ ଆତ୍ମ ପ୍ରକାଶ କରିଥିଲା। ଖଣ୍ଡିଏ ପରେ ଖଣ୍ଡେ ମାଂସ ଗିଳି ଯାଉ ଯାଉ ଯୋସେଫ କହିଲା 'ପ୍ରିୟେ, ତୁମର ଦୁଇ ସ୍ତନ ମଝିରେ ସେଇ ଖାଲୁଆ ଯାଗା

ଦେଖିଲେ ମୋର ମନେ ହୁଏ, ଯେପରି ଗୋଟାଏ ଶସ୍ୟ ଶ୍ୟାମଳ ଉପତ୍ୟକା । ତୁମ ପରି ସୁନ୍ଦରୀ କୋଟି ବ୍ରହ୍ମାଣ୍ଡରେ ନଥିବେ ।'

ଆତ୍ମ ପ୍ରଶଂସା ଶୁଣି ମାର୍ଥାର ମନ ଆନନ୍ଦରେ ଭରିଗଲା । କୃତଜ୍ଞତାଭରା କଣ୍ଠରେ ସେ କହିଲା 'ମଣିଷ ବଞ୍ଚିବା ପାଇଁ ଖାଏ । କିନ୍ତୁ ମୁଁ ଦେଖୁଛି ତୁ କେବଳ ଖାଇବା ପାଇଁ ବଞ୍ଚି ରହିଛୁ ।

ଖୁବ୍ ଯୋରରେ ହସି ଉଠି ଯୋସେଫ୍ କହିଲା, 'ସେହି ହତଭାଗା ପ୍ରତାପ କାହିଁ । ଆମ ତିନିଜଣଙ୍କ ନିମନ୍ତେ ମାଂସରନ୍ଧା ଯାଇଥିଲା । ସେତ ଆସିଲା ନାହିଁ । ତା ଭାଗଟା ମୋତେ ନିଶ୍ଚୟ ଖାଇବାକୁ ହେବ ।

ଦ୍ୱାର ନିକଟରେ ମୃଦୁ ପାଦଶବ୍ଦ ଶୁଣାଗଲା । ଫେରି ଚାହିଁଲା ମାର୍ଥା । ପ୍ରତାପ କୋଠରୀ ଭିତରକୁ ପଶି ଆସୁଥିଲେ ।

ଅପ୍ରତିଭ ହୋଇ ଯୋସେଫ୍ କହିଲା ''ଠିକ ସମୟରେ ଆସିଲୁ ଭାଇ, ନେ ହିଲେ···।'

କ୍ଷୋଭଭରା କଣ୍ଠରେ ପ୍ରତାପ କହିଲେ ''କ୍ଷମା କର ଭାଇ; ମୁଁ ଆଜି ନିମନ୍ତ୍ରଣ ରଖିପାରିବି ନାହିଁ । ସେମାନେ ମୋତେ ନିସ୍ତୁକ ମାଡ ଦେଇଛନ୍ତି ।''

ହଠାତ୍ ଯୋସେଫ୍ ଉଠି ଠିଆ ହେଲା । କ୍ରୋଧରେ ତାର ସର୍ବାଙ୍ଗ ଥରୁଥିଲା । କର୍କଶ କଣ୍ଠରେ ସେ ପଚାରିଲା ''କେଉଁମାନେ । ସେମାନେ କଅଣ ଜାଣନ୍ତି ନାହିଁ ତୁ ମୋର ବିଶ୍ୱସ୍ତ ବନ୍ଧୁ ବୋଲି । ମୁଁ ସେମାନଙ୍କୁ ଗଣି ଗଣି ହତ୍ୟା କରିବି ।''

ନମ୍ର କଣ୍ଠରେ ପ୍ରତାପ କହିଲେ ''ପୋଲିସ । ମୁଁ ସୂର୍ଯ୍ୟମୁଖୀକୁ ହତ୍ୟା କରିଛି ବୋଲି ସନ୍ଦେହ କରି ସେମାନେ ମୋତେ ଧରି ନେଇଥିଲେ ।''

ଉପ୍ପରେ ଯୋସେଫ୍ ହାତରୁ ମାଂସ ଖଣ୍ଡକ ଖସି ପଡ଼ିଲା । ତାର ମନେହେଲା, ଯେପରି ଶରୀରର ଉଷ୍ମତା କ୍ରମେ ଲୋପ ପାଇ ଯାଉଛି । ମାର୍ଥା ଧରି ନପକାଇଥିଲେ ସେ ବୋଧ ହୁଏ ପଡ଼ିଯାଇ ଥାଆନ୍ତା ।"

ସିଗାରେଟରେ କଶ୍ ଧରାଇ ପ୍ରତାପ ପୁଣି ଆରମ୍ଭ କଲେ "ସାବଧାନ ! ସେମାନେ ମଧ୍ୟ ତୋ ପିଛୁ ଛାଡ଼ି ନାହାନ୍ତି । ହୁଏତ ଏହି ମୁହୂର୍ତ୍ତରେ ଏଠାରେ ପହଞ୍ଚି ଯିବେ । ଦୁଇ ଜଣଙ୍କୁ ଏକାଠି ଦେଖିଲେ ରକ୍ଷା ମିଳିବ ନାହିଁ ।

ପ୍ରତାପ କୋଠରୀ ପରିତ୍ୟାଗ କରି ଚାଲିଗଲେ ।

ଅସ୍ଥିର ହୋଇ ଉଠିଲେ ଯୋସେଫ୍ । ତାର ମନେହେଲା ଯେପରି ଶହ ଶହ ବୁଟ୍ ର କର୍କଶ ଶବ୍ଦରେ କୋଠରୀଟା ପ୍ରତିଧ୍ୱନିତ ହୋଇ ଉଠୁଛି । ଖୁବ୍ ଯୋରରେ ସେ କାନ ଦୁଇଟାକୁ ଚାପି ଧରିଲା ।

କ୍ଷୀଣ କଣ୍ଠରେ ମାର୍ଥା କହିଲା, "ମୋର ମନେ ହେଉଛି ପ୍ରତାପ କିଛି କହି ଗଲା ।"

ଥର ଥର କଣ୍ଠରେ ଯୋସେଫ୍ ଚିତ୍କାର କରି ଉଠିଲା । "ତୁମେ ଜାଣ ନାହିଁ, ସେ ଗୋଟାଏ ସତର୍କ ଘଣ୍ଟି । କିନ୍ତୁ ଗୋଟାଏ କଥା, ଆଉ ବେଶୀ ଦିନ ଏଠାରେ ରହିବା ନିରାପଦ ନୁହେଁ । ସେହି ବଳଆ କୁକୁର ଦଳ ନିଶ୍ଚୟ ମୋତେ ଛାଡ଼ିବେ ନାହିଁ । ତୁମେ ଯେଉଁ ଝିଅଟା କଥା କହୁଥିଲ ତାକୁ ସାଙ୍ଗରେ ନେଇ ଗଲେ ମନ୍ଦ ହୁଅନ୍ତା ନାହିଁ । ଦୁଇ ହଜାର ଟଙ୍କାରୁ କମ ନୁହେଁ । ଆଉ ସେଇ ସଯ୍ତାନଟା, ତା ପାଖରେ ମୋର ଅନେକ ଟଙ୍କା ରହିଗଲା...... ।

ଯୋସେଫ୍ କଥାରେ ବାଧା ଦେଇ ମାର୍ଥା କହିଲା, "ଏତେ ରାତିରେ ସେ ଝିଅଟାକୁ ଆଣିବା ସମ୍ଭବ ନୁହେଁ । କାଲି ପର୍ଯ୍ୟନ୍ତ ଅପେକ୍ଷା କଲେ ଭଲ ହୁଅନ୍ତା ।"

ଗର୍ଜ୍ଜନ କରି ଉଠିଲା ଯୋସେଫ୍ । "କାଲି ?" ନାଁ, ତା କେବେ ହେଲେ ସମ୍ଭବ ନୁହେଁ । ମୁଁ ତ ସେ ଘର ଦେଖିଛି, ଆଜ ରାତିରେ ଏଠାରୁ ଚାଲିଯିବାକୁ ହେବ । କାଲି ସକାଳୁ ପୋଲିସ୍ ଆସିଲେ ଯୋସେଫ୍‌ର ଯୋଡ଼ା ଟହ୍ଲ ବ୍ୟଥିତ ଆଉ କିଛି ପାଇବ ନାହିଁ ।

ମର୍ଥର କୌଣସି କଥାକୁ ଅପେକ୍ଷା ନ କରି ଯୋସେଫ୍ ଝଡ଼ ପରି ବାହାରି ଗଲା । ବାହାରେ ଅନ୍ଧକାର ଯେପରି ତା ଆଗରେ ଏକ ଅନନ୍ତ ଆଶୀର୍ବାଦ ହୋଇ ଠିଆ ହେଲା ।

ବିଚ୍ଛିନ୍ନ ପ୍ରାନ୍ତର ଭିତରେ ଛୋଟ ଗୋଟିଏ ଘର । କୁଟୀର କହିଲେ ଅତ୍ୟୁକ୍ତି ହେବ ନାହିଁ । ନିକଟରେ ଲୋକାଳୟ ନାହିଁ । ରାଜପଥ ଠାରୁ ପ୍ରାୟ ଅର୍ଦ୍ଧକ୍ରୋଶ ଦୂରରେ ଏଇ କୁଟୀରଟି ଅଭିଶପ୍ତ ପ୍ରେତ ପରି ଠିଆ ହୋଇଛି । ଯୋସେଫ୍ କୁଟୀର ନିକଟରେ ପହଞ୍ଚି ଚାରିଆଡ଼କୁ ଚାହିଁଲା । ହଠାତ୍ ସେ ଚମକି ପଡ଼ିଲା, ଏ କଣ ? ପାଖ ତା ଠାରୁ କେତେ ଗଜ ଦୂରରେ ଲୋକଟାଏ ଠିଆ ହୋଇଛି, ନିଶ୍ଚୟ ପୋଲିସ ।

ଯୋସେଫ୍‌ର ଛାତି ଥରି ଉଠିଲା । ମନ ହେଲା । ଦଉଡ଼ି ପଳାଇବ । ନା, ସେ ଆଉ ଫେରିଯିବ ନାହିଁ । ଶୂନ୍ୟ ହାତରେ ଫେରି ଯିବା ନିମନ୍ତେ ସେ ଆସି ନାହିଁ । ଛୁରୀଟାକୁ ବାଗେଇ ଧରି ଆଗେଇ ଗଲା ଯୋସେଫ୍ । ନିକଟରେ ପହଞ୍ଚି ସେ ହସି ଉଠିଲା । ଓଃ କି ନିର୍ବୋଧ ସେ । ଝାଉଁ ଗଛର ଗୋଟାଏ ଦରଭଙ୍ଗା ଡାଳ ପବନରେ ଝୁଲୁଥିଲା । ଡାଳଟାକୁ ଛୁରୀରେ ଟାଣି ଛିଡ଼ାଇ ଦେଲା ଯୋସେଫ୍ । କୁଟୀର ଭିତରେ ଦୁଇଟି ଅର୍ଦ୍ଧଭୁକ୍ତ ପ୍ରାଣୀ ନିଦ୍ରାରେ ଅଚେତନ ଥିଲେ । ପିତା ଓ ପୁତ୍ରୀ । କମଳା ଯୁବତୀ, ବୟସ କୋଡ଼ିଏରୁ ଊର୍ଦ୍ଧ୍ୱ ହେବ । ରମେଶ ଅର୍ଥାଭାବରୁ କମଳାର ବିବାହ ଦେଇ ନାହିଁ ।

ମାର୍ଥା ନିକଟବର୍ତ୍ତୀ ଗ୍ରାମ ମାନଙ୍କୁ ସିଲାଇ କାମ ସିଖାଇବାକୁ ଯାଏ । ସେହି ଅବସରରେ କମଳା ସହିତ ପରିଚୟ । ଯୋସେଫ୍ ଓ ମାର୍ଥା ରମେଶକୁ ସାମୟିକ ଆର୍ଥିକ ସାହାଯ୍ୟ କରନ୍ତି ।

ଦ୍ୱାର ନିକଟରେ ପହଞ୍ଚି ଯୋସେଫ୍ ମୃଦୁ ଅଘାତ କଲା । କୌଣସି ଉତ୍ତର ନାହିଁ । ପୁଣି ଥରେ ଆଘାତ କଲା ଯୋସେଫ୍ । ଫେରି ଆସିଲା ନିଜ ଆଘାତର ପ୍ରତିଧ୍ୱନି । ସେ ବିରକ୍ତ ହୋଇ ଉଠିଲା । ତାର ନମ୍ର କଣ୍ଠରୁ ଗୁଞ୍ଜରି ଉଠିଲା । "ମୋର ଧାରଣା ଥିଲା; ଗରିବ ଲୋକ ଗୁଡ଼ାକ କମ୍ ଶୁଅନ୍ତି । କିନ୍ତୁ ଏମାନେ ଶୋଇ ନାହାନ୍ତି ସେ ଏକାବେଳେକେ ମରିଯାଇଛନ୍ତି ।"

ଏଥର ସମସ୍ତ ଶକ୍ତି ବ୍ୟୟକରି ଯୋସେଫ୍ ଦ୍ୱାରରେ ପ୍ରବଳ ଆଘାତ କଲା । ସେହି ଆଘାତରେ କୁଟୀରର ଅର୍ଦ୍ଧ ଭଗ୍ନ କାନ୍ଥ କେତେଥର ଥରି ଉଠିଲା । ରମେଶର ନିଦ ଭାଙ୍ଗିଗଲା । ଖିନ୍ନ କଣ୍ଠରେ ସେ ପଚାରିଲା "କିଏ" ?

କ୍ଷୁବ୍ଧ କଣ୍ଠରେ ଯୋସେଫ୍ ଉତ୍ତର ଦେଲା "ହେ।, ବାପ, କବାଟ ଫିଟା । ମୁଁ ଯୋସେଫ୍ ।"

ଦ୍ୱାର ଖୋଲି ରମେଶ ବାହାରକୁ ଆସିଲା । ନମ୍ର କଣ୍ଠରେ ଯୋସେଫ୍ କହିଲା ଆଜ ରାତିରେ ଆମେ ଏଠାରୁ ଚାଲିଯାଉଛୁ । ମାର୍ଥାର ବାପ ଭୟଙ୍କର ପୀଡ଼ିତ ।

ବ୍ୟଥାରେ ରମେଶର ମନ ଟନ ଟନ କରି ଉଠିଲା । ଯୋସେଫ ପରି ଜଣେ ଉଦାର ଲୋକ ଚାଲିଯିବା ତା ପକ୍ଷେ ଘୋର ଦୁର୍ଭାଗ୍ୟ ।

ରମେଶକୁ ଚିନ୍ତା କରିବା ନିମନ୍ତେ ଅବସର ନ ଦେଇ ଯୋସେଫ କହିଲା, "ବେଶୀ କଥା ବାର୍ତ୍ତା ହେବାକୁ ସମୟ ନାହିଁ । ତୁମକୁ ମୁଁ ଆଜିପର୍ଯ୍ୟନ୍ତ ଦୁଇ ଶହ ନବେ ଟଙ୍କା ଆଠଅଣା ଦେଇଛି । ସୁଧ

ସହିତ ତୁମକୁ ଅନ୍ତତଃ ଚାରିଶହ ଟଙ୍କା ପରିଶୋଧ କରିବାକୁ ହେବ । ମୋର ମଧ୍ୟ ଟଙ୍କାର ବିଶେଷ ଦରକାର ।”

ରମେଶ ମସ୍ତକରେ ବଜ୍ର ପଡ଼ିଲା । ଯୋସେଫ୍ ଠାରୁ ପାଉଥିବା ଆର୍ଥିକ ସାହାଯ୍ୟ ସୁଧ ସହିତ ପରିଶୋଧ କରିବାକୁ ହେବ । ଏକଥା ସେ ସ୍ୱପ୍ନରେ ସୁଦ୍ଧା ଭାବି ନଥିଲା । ଅସହାୟ ଭାବରେ ସେ ଅନ୍ଧକାର ଭିତରକୁ ଚାହିଁ ରହିଲା ।

ଅସନ୍ତୁଷ୍ଟ କଣ୍ଠରେ ଯୋସେଫ୍ କହିଲା । “ଭାବୁଛୁ କ’ଣ ମୁଁ ଗୋଟିଏ ମୁହୂର୍ତ୍ତ ମଧ୍ୟ ନଷ୍ଟ କରି ପାରିବି ନାହିଁ ।”

ନମ୍ର କଣ୍ଠରେ ରମେଶ କହିଲା । “ମୋ ନିକଟରେ ଏବେ ଗୋଟିଏ କପର୍ଦ୍ଦକ ସୁଦ୍ଧା ନାହିଁ । କାଲି······ ।”

ବାଧା ଦେଇ ଯୋସେଫ୍ ଗର୍ଜି ଉଠିଲା । “ମୁଁ ସେ କଥା ଜାଣେ । ମରିବା ପର୍ଯ୍ୟନ୍ତ ସମୟ ଦେଲେ ମଧ୍ୟ ତୁ ସେ ଟଙ୍କା ଶୁଝି ପାରିବୁ ନାହିଁ । ତେବେ ଗୋଟାଏ କଥା । ଆଜି କିଛି ଟଙ୍କା ନେଇ କମଳାକୁ ଦେଇ ଦେ । ଗୋଟାଏ ବଡ଼ ଦାୟିତ୍ୱରୁ ମୁକ୍ତ ପାଇଯିବୁ ।

ରମେଶର ଅନ୍ତର ଥରି ଉଠିଲା । କମଳା, ତାର ଏକ ମାତ୍ର କନ୍ୟା । ପ୍ରାଣଠାରୁ ଅଧିକ ସ୍ନେହ ଦେଇ ସେ କମଳାକୁ ବଢ଼ାଇ ଆଣିଛି । ନିଜର ଜୀବନ ଦେବାକୁ ସେ କୁଣ୍ଠା ବୋଧ କରିବ ନାହିଁ । କିନ୍ତୁ କମଳାକୁ ଛାଡ଼ିବା ଏକାବେଳେକେ ଅସମ୍ଭବ ।

ରମେଶକୁ ନୀରବ ଦେଖି ଯୋସେଫ୍ କହିଲା, “ମୁଁ ଜାଣେ, ସନ୍ତାନର ପିତା ନହେଲେ ମଧ୍ୟ ମୁଁ ତୋର ମନର ଦୁଃଖ ବୁଝିପାରୁଛି । ଏଇ ନେ । ଅନ୍ତତଃ କେତେଟା ଦିନ ଭଲରେ ଚଳିଯିବୁ । କେତେଟା ଦିନ କାହିଁକି, ଗୋଟାଏ ବର୍ଷ ।”

ଯୋସେଫ୍ ରମେଶ ଆଡ଼କୁ ଦୁଇଶହ ଟଙ୍କା ବଢ଼ାଇ ଦେଲା । ଟଙ୍କା ଯୋସେଫ୍ ଉପରକୁ ଫୋପାଡ଼ି ଦେଇ ରମେଶ ଗର୍ଜି ଉଠିଲା; ନାଁ, ତା ହୋଇପାରିବ ନାହିଁ । ମୁଁ କମଳାକୁ ଛାଡ଼ି ପାରିବ ନାହିଁ ।"

ଦୁହିଙ୍କର କଥାବାର୍ତ୍ତାରେ କମଳାର ନିଦ ଭାଙ୍ଗି ଯାଇ ଥିଲା । ସେ ଦ୍ୱାର ନିକଟରେ ଠିଆହୋଇ ସମସ୍ତ ଶୁଣୁଥିଲା । ରମେଶକୁ ଧକ୍କାଦେଇ ଆଗେଇ ଗଲା ଯୋସେଫ୍ । କମଳାର ହାତଧରି ସେ ଟାଣି ଆଣିଲା । ରମେଶ ଏହି ଦୃଶ୍ୟ ସହ୍ୟ କରି ପାରିଲା ନାହିଁ । ଦରିଦ୍ର ହେଲେ ମଧ୍ୟ ନିଜର ସୀମାବଦ୍ଧ ଆଭିଜାତ୍ୟକୁ ସେ ଏପର୍ଯ୍ୟନ୍ତ ଅକ୍ଷୁଣ୍ଣ ରଖିଥିଲା । ନିଜକୁ ସମ୍ଭାଳି ନ ପାରି ସେ ଯୋସେଫ୍‌ର କପାଳରେ ଚପେଟାଘାତ କଲା ।

ଏପରି ଅପମାନ ସହ୍ୟକରିବା ନିମନ୍ତେ ପ୍ରସ୍ତୁତ ନଥିଲା ଯୋସେଫ୍ ।

ଛୁରିଟାକୁ ବାଗେଇ ଧରି ସେ ରମେଶ ଉପରେ ଆକ୍ରମଣ କଲା । କିନ୍ତୁ ଚତୁର୍ଥ ବ୍ୟକ୍ତିର ଅପ୍ରତ୍ୟାଶିତ ଉପସ୍ଥିତି ତା'ର ଉଦ୍ୟମରେ ବାଧା ସୃଷ୍ଟି କଲା ।

କ୍ରୋଧରେ ଅଧୀର ହୋଇ ଯୋସେଫ୍ ପଚାରିଲା "କିଏ ?"

"ସ୍ଥିରହୁଅ ବନ୍ଧୁ; ମୁଁ ପ୍ରତାପ ।"

ଆଶ୍ଚର୍ଯ୍ୟ ହେଲା ଯୋସେଫ୍ । ବିସ୍ମୟଭରା କଣ୍ଠରେ ସେ କହିଲା, "ପ୍ରତାପ; ଏତେ ରାତିରେ ତୁ ଏଠି କାହିଁକି ?

ନିର୍ବିକାର କଣ୍ଠରେ ପ୍ରତାପ ଉତ୍ତର ଦେଲେ "ଅସମୟରେ ବିଶ୍ୱସ୍ତ ବନ୍ଧୁକୁ ସାହାଯ୍ୟ କରିବା ପାଇଁ । "ଶୁଣ ଯୋସେଫ, ତୁମ ନିକଟରେ ଆଉ ଗୋପନ ରଖିବା ନିମନ୍ତେ କୌଣସି କଥା ନୁହେଁ । ପ୍ରତାପ ତୁମର ବନ୍ଧୁ ନୁହେଁ । ବର୍ତ୍ତମାନ ସେ ତୁମର ଶତ୍ରୁ ।"

"ଶତ୍ରୁ ।" ଗର୍ଜିଉଠିଲା ଯୋସେଫ୍ ।

"ହଁ, ମୁଁ ତୁମର ବନ୍ଧୁ ପ୍ରତାପ ନୁହେଁ । ଡ଼ିଟେକ୍‌ଟିଭ୍ ଇନ୍‌ସ୍‌ପେକ୍‌ଟର ପ୍ରତାପ ଚନ୍ଦ୍ର ପଟ୍ଟନାୟକ ।"

କ୍ଷୋଭଭରା କଣ୍ଠରେ ଯୋସେଫ୍ କହିଲା "ତେବେ ଏପର୍ଯ୍ୟନ୍ତ ମୋ ସହିତ ଛଳନା କରୁଥିଲ ।"

"ଛଳନା ନୁହେଁ ଯୋସେଫ୍ । କର୍ତ୍ତବ୍ୟ, ବର୍ତ୍ତମାନ ମୋ ସହିତ ଥାନାକୁ ଯିବାକୁ ହେବ । ତୁମେ ବନ୍ଦୀ, ତୁମ ବିରୁଦ୍ଧରେ ନାରୀ ଅପହରଣ ଓ ହତ୍ୟା ଅଭିଯୋଗ ନିଖୁଣ ରୂପେ ପ୍ରମାଣିତ ହୋଇଛି ।"

ଏ ସମସ୍ତ ଯୋସେଫ୍‌କୁ ଅସହ୍ୟବୋଧ ହେଲା । ସୁଯୋଗ ହରାଇବା ନିମନ୍ତେ ସେ ପ୍ରସ୍ତୁତ ନଥିଲା । ମୁହୂର୍ତ୍ତେ ମାତ୍ର ବିଳମ୍ବ ନ କରି ସେ ପ୍ରତାପଙ୍କ ଉପରକୁ ଡେଇଁ ପଡ଼ିଲା ।

ପ୍ରତାପ ଏହାହିଁ ଆଶଙ୍କା କରୁଥିଲା । ସେ ଦୁଇପାଦ ବାମକୁ ଡେଇଁ ପଡ଼ିଲେ । ଯୋସେଫ୍ ନିଜ ଶରୀରର ଭାର ସମ୍ଭାଳି ନପାରି ତଳେ ପଡ଼ିଗଲା । ଯୋସେଫ୍‌କୁ ବନ୍ଦୀକରିବା ନିମନ୍ତେ ପ୍ରତାପଙ୍କୁ ବିଶେଷ କଷ୍ଟ ହେଲା ନାହିଁ ।

"ଜସ୍ମା, ତୁ ବୁଝି ପାରିବୁ ନାହିଁ । ମୁଁ ତୋତେ କେତେ ଭଲପାଏ । ମୋର ମନେ ହେଉଛି ତୁ ମୋତେ ବିଶ୍ୱାସ କରି ପାରୁ ନାହୁଁ । ସମସ୍ତ ଆସିବ ତୁ ନିଶ୍ଚୟ ମୋତେ ଚିହ୍ନିବୁ ।"

ଇଣ୍ଡଜିତ ନୀରବ ହେଲେ ।

କେତେକ ମୁହୂର୍ତ୍ତ ଚିନ୍ତାକରି ଜସ୍ମ ଉତ୍ତର ଦେଲା "ଅବଶ୍ୟ ଆପଣଙ୍କ କଥା ସମ୍ପୂର୍ଣ୍ଣ ସତ୍ୟନୁହେଁ, ତେବେ···।

ଜଙ୍ଗଲ ଭିତରେ ଯାଉଁ ଯାଉଁ ଦୁହେଁ ଦୁହିଁଙ୍କୁ ବୁଝିବାକୁ ଚେଷ୍ଟା କରୁଥିଲେ ।

ହାତ ବଢ଼ାଇ ଇଣ୍ଡଜିତ କହିଲେ, "ମୋ ଅପେକ୍ଷା ତୋ ବନ୍ଧୁକର ଓଜନ ଟିକିଏ କମ, ଦେଖି ।"

ରଣଜିତଙ୍କ ହାତକୁ ଜୟ ନଜର ବନ୍ଧୁକଟି ବଢ଼ାଇ ଦେଲା ।

ହସି ଉଠିଲେ ରଣଜିତ । ବନ୍ଧୁକଟି ଜୟର ମସ୍ତକକୁ ଲକ୍ଷ୍ୟ କରି ରଣଜିତ କହିଲେ, "ବନ୍ଧୁ ; ବହୁଦିନ ଧରି ମୋତେ ଠକି ଆସିଛ । ଆଜି ପ୍ରତାରଣା କରିବାର ଉପାୟ ନାହିଁ । ମରିବା ନିମନ୍ତେ ପ୍ରସ୍ତୁତ ହୁଅ ଜୟ ।"

ଉତ୍ତରରେ ଜୟ କେବଳ ହସି ଉଠିଲା ।

ରଣଜିତଙ୍କ ମନର ଈର୍ଷା ଓ କ୍ରୋଧ ବହୁଗୁଣ ବଢ଼ିଗଲା । ସେ ଟ୍ରିଗାର ଉପରେ ଚାପଦେଲେ । କିନ୍ତୁ ଗୁଳି ଫୁଟିଲା ନାହିଁ ।

ପୁଣିଥରେ ହସିଉଠି ଜୟ କହିଲା "ମୋର ସୌଭାଗ୍ୟ ମୁଁ ସେଥିରେ ଗୁଳି ପୁରାଇ ନାହିଁ ।"

ରଣଜିତ ଗୁଳି ନିମନ୍ତେ ନିଜ ପକେଟରେ ହାତ ପୁରାଇଲେ । "ସାବଧାନ; ମି: ରଣଜିତ । ପକେଟରେ ହାତ ପୁରାଇବା ନିମନ୍ତେ ଚେଷ୍ଟାକଲେ ମୁଁ ତୁମକୁ ଏହି ମୁହୂର୍ତ୍ତରେ ହତ୍ୟା କରିବି ।"

ଫେରି ଚାହିଁଲେ ରଣଜିତ, ଜୟ ହାତରେ ଥିବା ରିଭଲଭର ତାଙ୍କ କପାଳ ଉପରକୁ କ୍ଷିପ୍ତ ଦୃଷ୍ଟିରେ ଚାହିଁ ରହିଥିଲା ।

ଥରି ଥରି କଣ୍ଠରେ ରଣଜିତ କହିଲେ, "ତୁ···ମେ ।"

ହଁ ମି: ରଣଜିତ ଓରଫ୍ ଜୟଶଙ୍କର ପାଠକ । ମୁଁ କ୍ରାଇମ୍ ଇନଭେଷ୍ଟିଗେସନ (Crime Investigation) ବିଭାଗର ଇନ୍‌ସ୍‌ପେକ୍‌ଟର ମହମଦ୍ ଉସମାନ୍‌ନୂର । ତୁମର ଏହି ଚକ୍ରାନ୍ତ ବ୍ୟୂହ ଭେଦ କରିବା ନିମନ୍ତେ ବହୁ ଦିନରୁ ଚେଷ୍ଟା କରୁଥିଲି । ତୁମେ ବର୍ତ୍ତମାନ ବନ୍ଦୀ । ସେହି ମହିଳା ମାନଙ୍କ ବିଷୟରେ ଚିନ୍ତା କରିବା ଆବଶ୍ୟକ ନାହିଁ । ସେମାନେ ପୋଲିସ ତତ୍ତ୍ୱାବଧାନରେ ନିରାପଦ ଅଛନ୍ତି ।"

ଟଙ୍କେଟଙ୍କ ନିକଟରୁ ବନ୍ଧୁକ ଦୁଇଟି କାଢ଼ିନେଇ ଇନସ୍-ପେକ୍ଟର ନୂର ହାତକଡ଼ି ପିନ୍ଧାଇ ଦେଲେ ।

'ଓଃ, ହଁ, ମୋର ମନେ ହେଉଛି କିଛିଦିନ ପୂର୍ବରୁ ମୁଁ ତୁମକୁ କେଉଁଠାରେ ଦେଖିଥିଲି ।"

ଅବିନାଶ ତୀକ୍ଷ୍ଣ ଦୃଷ୍ଟିରେ ସୁଧୀର ଦାସଙ୍କ ମୁହଁକୁ ଚାହିଁ ରହିଥିଲେ ।

ହସିଉଠି ସୁଧୀର ଦାସ କହିଲେ, "ମୋତେ ଅବଶ୍ୟ କେଉଁଠାରେ ଦେଖିଥିବେ । କିନ୍ତୁ ଏହି ଭଦ୍ର ମହିଳାଙ୍କୁ ନିଶ୍ଚୟ ଚିହ୍ନିଥିବେ ।"

ଶିହରି ଉଠିଲେ ଅବିନାଶ, ଥର ଥର କଣ୍ଠରେ ସେ କହିଲେ "କିଏ ରେଣୁ ।"

ଖୁସିଥିରେ ହସିଉଠି ସୁଧୀର ଦାସ କହିଲେ, "ଠିକ୍ ଚିହ୍ନିଛନ୍ତି । ଯାହାକୁ ଭୁଲାଇ ଆଣି ବହୁ ଲୋଭରେ ବିବାହ କରିବା ନିମନ୍ତେ ଚେଷ୍ଟା କରୁଥିଲେ, ଏ ସେଇ ରେଣୁ ।"

"କଅଣ କହୁଛନ୍ତି ଆପଣ ?" କ୍ରୋଧାନ୍ୱିତ ହୋଇ ଉଠିଲେ ଅବିନାଶ ।

ଦୃଢ଼ କଣ୍ଠରେ ସୁଧୀର ଦାସ କହିଲେ, ମୁଁ ଯାହା କହୁଛି ତାହା ମୃତ୍ୟୁ ପରି ସତ୍ୟ । ତୁମେ ଆନ୍ତଃ ପ୍ରାଦେଶୀୟ ନାରୀ ଅପହରଣକାରୀ ଦଳର ଜଣେ ସଭ୍ୟ । ଆଜି ତୁମର ପରିଚୟ, ଅବିନାଶ ଉରଫ ଶଶାଙ୍କ ସେନ୍ ଉରଫ ମହମ୍ମଦ କାଲୁ । ଆଉ ମୁଁ "ମିଃ ସାଇମନ । ପୋଲିସ ବିଭାଗର ଜଣେ ଇନ୍ସ୍‌ପେକ୍ଟର ।

ଶଶାଙ୍କ ସେନ୍, ମୁଁ ତୁମକୁ ନାରୀ ଅପହରଣ ଅପରାଧରେ ବନ୍ଦୀ କଲି ।"

ବିସ୍ମୟକର । ବିଚାର ପତିଙ୍କ ନିକଟରେ ସାକ୍ଷ୍ୟ ଦେଉଥିଲେ ଡିଟେକ୍ଟିଭ ଇନ୍ସ୍ପେକ୍ଟର ପ୍ରତାପଚନ୍ଦ୍ର ପଟ୍ଟନାୟକ । ସାକ୍ଷ୍ୟ ଦେଉଥିଲେ ଡକ୍ ଭିତରେ ଅପରାଧୀ ଯୋସେଫ୍, ରଣଜିତ, ମାର୍ଥା ଓ ଅବିନାଶ ତଳକୁ ମୁହଁ ପୋତି ଠିଆ ହୋଇଥିଲେ ।

"ମୋର ନାମ ପ୍ରତାପ ଚନ୍ଦ୍ର ପଟ୍ଟନାୟକ । ଇନ୍ସ୍ପେକ୍ଟର କ୍ରାଇମ୍ ଇନଭେଷ୍ଟିଗେସନ ଡିପାର୍ଟମେଣ୍ଟ । ୧୯୬୮ ମସିହା ଡିସେମ୍ବରରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ନାରୀ ଅପହରଣ ସମ୍ବାଦ ମିଳିଲା । ଗୋଟିକ ପରେ ଗୋଟିଏ ଯୁବତୀ ଅନ୍ତର୍ହିତ ହେଲେ । ବହୁ ଚେଷ୍ଟା କରି ମଧ୍ୟ ସେମାନଙ୍କର କୌଣସି ସନ୍ଧାନ ମିଳିଲା ନାହିଁ । ଠିକ୍ ସେହି ସମୟରେ ମଧ୍ୟପ୍ରଦେଶ ଓ ବଙ୍ଗରୁ ମଧ୍ୟ ବହୁ ନାରୀ ଅନ୍ତର୍ହିତ ହେଲେ । ତେଣୁ ବଙ୍ଗ, ମଧ୍ୟପ୍ରଦେଶ ଓ ଓଡ଼ିଶା ଗୋଟିଏ ମିଶ୍ର ତଦନ୍ତକାରୀ ପୋଲିସ ଦଳ ଗଠନ କଲେ । ଓଡ଼ିଶାରୁ ମୁଁ, ମଧ୍ୟପ୍ରଦେଶରୁ ମହମ୍ମଦ ଇସମାଇଲ ନୁର ଓ ବଙ୍ଗଳାରୁ ମି· ସାହମନ୍, ଏହି ତଦନ୍ତର ଦାୟିତ୍ୱ ଗ୍ରହଣ କଲୁ । କେତେକ ତଥ୍ୟ ହସ୍ତଗତ ହେଲା ପରେ ଅମ୍ଭମାନଙ୍କର ଦୃଢ଼ ଧାରଣା ହେଲା, କୌଣସି ସୁସଂଗଠିତ ଆନ୍ତଃ ପ୍ରାଦେଶିକ ଅପରାଧୀ ଦଳ ଏହି ଅପରାଧ ମୂଳରେ ଅଛନ୍ତି । ସେହି ସୂତ୍ର ଅବଲମ୍ବନ କରି ଆମ୍ଭେମାନେ ତଦନ୍ତ ଆରମ୍ଭ କଲୁ ।

ମି· ଯୋସେଫ୍ ମଧ୍ୟ ପ୍ରଦେଶର ଜଣେ କୁଖ୍ୟାତ ଅପରାଧୀ, ସେ ହଠାତ୍ ଫେରାର୍ ହେବା ଫଳରେ ପୋଲିସର ସନ୍ଦେହପୂର୍ଣ୍ଣ ଦୃଷ୍ଟି ତାଙ୍କରି ଉପରେ ପଡ଼ିଲା । ସେତେବେଳେ ଅବଶ୍ୟ ତାଙ୍କର ଏଇ ଘନ ଶ୍ମଶ୍ରୁ ନଥିଲା । ଛଦ୍ମ ବେଶରେ ମିଃ ଯୋସେଫ୍ ଓଡ଼ିଶାକୁ ଚାଲି ଆସିଲେ । ଏହା ମଧ୍ୟରେ ସେ ବଙ୍ଗର କୁଖ୍ୟାତ ଅପରାଧୀ ଅବିନାଶ ଓ ବିହାର କୁଖ୍ୟାତ ଅପରାଧୀ ରଣଜିତଙ୍କ ସହିତ ସମ୍ପର୍କ

ସ୍ଥାପନ କରିପାରିଥିଲେ । ଓଡ଼ିଶାରେ ସେ ଜଣେ ସମାଧି ତତ୍ତ୍ୱାବଧାରକ ରୂପେ କାର୍ଯ୍ୟକଲେ । ତାଙ୍କର ରକ୍ଷିତା....।"

ବାଧା ଦେଇ ଯୋସେଫ୍ କହିଲା । "ରକ୍ଷିତା ନୁହେଁ । ବିବାହିତା ।"

ତାଙ୍କର ରକ୍ଷିତା ମାର୍ଥା ବିଧବା ଯୁବତୀ ମାନଙ୍କ ସହିତ ପରିଚିତା ହୋଇ ସେମାନଙ୍କୁ ବହୁ ପ୍ରଲୋଭନ ଦେଖାଇଲେ । ସେମାନଙ୍କ ମଧ୍ୟରୁ କେତେକ ପ୍ରଲୋଭନରେ ଭୁଲିଯାଇ ଯୋସେଫଙ୍କ ନିକଟକୁ ଆସିବାକୁ ଲାଗିଲେ । ଯୋସେଫ୍ ସେମାନଙ୍କୁ ଉଜ୍ଜ୍ୱଳ ଭବିଷ୍ୟତର ରଙ୍ଗୀନ ଆଶା ଦେଖାଇ ଅବିନାଶ ଓ ଜଣେଜଣଙ୍କ ସାହାଯ୍ୟରେ ବହୁ ମୂଲ୍ୟରେ ବିକ୍ରୟ କରିବାକୁ ଲାଗିଲେ । ସୂର୍ଯ୍ୟମୁଖୀ ନାମରେ ଜଣେ ଯୁବତୀ ଯୋସେଫଙ୍କର କଥାରେ ଭୁଲିଗଲେ । ସୂର୍ଯ୍ୟମୁଖୀକୁ ପ୍ରଲୋଭନ ଦେଖାଗଲା । ତାକୁ ଗୋଟିଏ ବୈଦିକ ଆଶ୍ରମରେ ବିଶିଷ୍ଟ ସ୍ଥାନ ଦିଆଯିବ । ଯୋସେଫ୍ ସୂର୍ଯ୍ୟମୁଖୀଙ୍କୁ ତିନି ସହସ୍ର ଟଙ୍କାରେ ବିକ୍ରୟ କରିଦେଲେ । ସୂର୍ଯ୍ୟମୁଖୀ ଅପରୂପ ସୁନ୍ଦରୀ ଥିଲା । ସେତେବେଳେ ତାର ବୟସ ମାତ୍ର ଅଠର ।

ସୂର୍ଯ୍ୟମୁଖୀକୁ ଜଣେ ମଦ୍ୟପ ନିଜର ସ୍ତ୍ରୀ ରୂପେ କ୍ରୟ କରି ନେଲା । ଅନନ୍ୟୋପାୟ ହୋଇ ସୂର୍ଯ୍ୟମୁଖୀକୁ ସେହି ମଦ୍ୟପ ନିକଟରେ ଆତ୍ମ ସମର୍ପଣ କରିବାକୁ ପଡ଼ିଲା । ସେହି ମଦ୍ୟପ ପ୍ରତିଦିନ ସୂର୍ଯ୍ୟମୁଖୀ ଉପରେ ଅକଥନୀୟ ଅତ୍ୟାଚାର ଚଳାଇବାକୁ ଲାଗିଲା । ସେତେବେଳକୁ ସୂର୍ଯ୍ୟମୁଖୀ ଅନ୍ତଃସତ୍ତ୍ୱା । ଦିନେ ରାତିରେ ସୂର୍ଯ୍ୟମୁଖୀ ଗୋପନରେ ସେହି ମଦ୍ୟପ ଘରୁ ପଳାଇ ଗଲା । ସୌଭାଗ୍ୟବଶତଃ ଜଣେ ମହତ ଲୋକ ସୂର୍ଯ୍ୟମୁଖୀକୁ ନିଜର ସ୍ତ୍ରୀ ରୂପେ ଗ୍ରହଣ କଲେ ।

କେତେକ ମାସ ପରେ ସୂର୍ଯ୍ୟମୁଖୀର ସେହି ଜାରଜ ପୁତ୍ର ଜନ୍ମ ହେଲା । ଜନ୍ମ ହେବାର ମାତ୍ର କେତେକ ମାସ ପରେ ସେହି ଶିଶୁର ମୃତ୍ୟୁ ହେଲା । ସୂର୍ଯ୍ୟମୁଖୀ ଯାହାଙ୍କୁ ବିବାହ କରିଥିଲା ସେ ଜଣେ ଇଙ୍ଗଲୀୟ ଖ୍ରୀଷ୍ଟିଆନ୍ । ସମାଧି ଦେବା ନିମନ୍ତେ ଶିଶୁଟିକୁ ସମାଧି ସ୍ଥାନକୁ ସୂର୍ଯ୍ୟମୁଖୀ ନେଇଗଲା । ଯୋସେଫ୍ ସେତିକିବେଳେ ସୂର୍ଯ୍ୟମୁଖୀକୁ ଚିହ୍ନିପାରିଲା । ଯୋସେଫ୍‌ର ଭୟ ହେଲା ସୂର୍ଯ୍ୟମୁଖୀ ତାର ଏହି ଅପରାଧ ପୋଲିସ ନିକଟରେ କହିଦେବ । ତେଣୁ ସୂର୍ଯ୍ୟମୁଖୀର ମୁହଁ ବନ୍ଦ କରିବା ନିମନ୍ତେ ଯୋସେଫ୍ ସଚେଷ୍ଟ ହୋଇ ଉଠିଲା । ଦିନେ ରାତିରେ ଅନ୍ଧକାରର ଆଶ୍ରୟ ନେଇ ସେ ସୂର୍ଯ୍ୟମୁଖୀକୁ ହତ୍ୟା କଲା । ଅତି ସାବଧାନ ହେଲେ ମଧ୍ୟ ଅପରାଧୀ କୌଣସି ଗୋଟିଏ ସୂତ୍ର ଛାଡ଼ି ଦେଇ ଯାଇଥାଏ । ଯୋସେଫ୍ ଶ୍ମଶ୍ରୁର ଗୋଟିଏ କେଶ ଘଟଣା ସ୍ଥଳରୁ ଉଦ୍ଧାର କରାଯାଇଥିଲା । ତାହା ଯୋସେଫ୍‌ର ଶ୍ମଶ୍ରୁ ସହିତ ଏକାବେଳେକେ ମିଳିଗଲା ।

ଓଡ଼ିଶାରୁ ଏଗାର ଜଣ ଯୁବତୀଙ୍କୁ ଅପହରଣ କରି ଏଇ ଅପରାଧୀ ଦଳ ଉତ୍ତର ପ୍ରଦେଶ ଓ ରାଜସ୍ଥାନର କେତେକ ବ୍ୟକ୍ତିଙ୍କୁ ବିକ୍ରୟ କରିଥିଲେ । ସେମାନଙ୍କ ମଧ୍ୟରୁ ନଅ ଜଣଙ୍କୁ ଉଦ୍ଧାର କରାଯାଇଛି । ତିନି ଜଣଙ୍କୁ ଦାସୀ ବୃତ୍ତି; ଜଣଙ୍କୁ, ବେଶ୍ୟା ବୃତ୍ତି ଓ ପାଞ୍ଚଜଣଙ୍କୁ ବିବାହ କରିବା ନିମନ୍ତେ କ୍ରୟ କରା ଯାଇଥିଲା ।

ଯୋସେଫ୍ ଉପରେ ପୋଲିସ୍‌ର ସନ୍ଦେହ ହେବାର କାରଣ, ମଧ୍ୟ ପ୍ରଦେଶ ପୋଲିସ୍ ଓଡ଼ିଶା ପୋଲିସଙ୍କ ନିକଟକୁ ଯୋସେଫ୍‌ର ଫଟୋ ଓ ଶାରୀରିକ ବିବରଣୀ ପଠାଇ ଦେଇଥିଲେ । ସେଥି ନିମନ୍ତେ ଯୋସେଫ୍ ଉପରେ ସନ୍ଦେହର ଏକ ସୂକ୍ଷ୍ମ ରେଖାପାତ ହେଲା ।

ଥରେ ରାତିରେ ମୁଁ କନଷ୍ଟେବଲ ମାନଙ୍କର ଡ୍ୟୁଟି ଚେକ୍ କରି ଫେରିବା ସମୟରେ ଯୋସେଫ୍‌କୁ ଜଣେ ସ୍ତ୍ରୀ ଲୋକ ସହିତ ଯିବାର ଦେଖିଲି । ସେ ସ୍ତ୍ରୀ ଲୋକ ଆଉ କେହିନୁହେଁ, ସୂର୍ଯ୍ୟମୁଖୀ ।

ଯୋସେଫ୍ ଉପରେ ଦୃଢ଼ ସନ୍ଦେହ ହେଲା । ମୁଁ ପ୍ରତାପ ରୂପେ ନିଜକୁ ଯୋସେଫ୍ ନିକଟରେ ପରିଚୟ କରାଇ ତାର ଗତି ବିଧି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଲି ।

ମୋର ନାମ ମି. କେ. ସାହମନ । ମୁଁ ବଙ୍ଗ କ୍ରାଇମ ଇନଭେଷ୍ଟିଗେସନ ଡ଼ିପାର୍ଟମେଣ୍ଟର ଇନ୍‌ସ୍‌ପେକ୍‌ଟର । କଲିକତାରୁ ଚାରିଜଣ ଯୁବତୀ ଏକ ସମୟରେ ଅପହୃତ ହେଲେ । ମୁଁ ସେହି ମୋକଦ୍ଦମା ଗୁଡ଼ିକର ତଦନ୍ତ ଭାର ଗ୍ରହଣ କରି ଓଡ଼ିଶା ଓ ମଧ୍ୟପ୍ରଦେଶ ପୋଲିସ୍ ସହାୟତାରେ ତଦନ୍ତ ଚଳାଇଲି । ଅବିନାଶ ବଙ୍ଗର ଜଣେ କୁଖ୍ୟାତ ଅପରାଧୀ । ପୂର୍ବରୁ ସେ ବହୁ ନାରୀ ହରଣ ମୋକଦ୍ଦମାରେ ଦଣ୍ଡ ପାଇଥିଲେ । ବିଭିନ୍ନ ସ୍ଥାନରେ ମୁଁ ତାଙ୍କର ଅନୁସନ୍ଧାନ କରିବାକୁ ଲାଗିଲି । କିନ୍ତୁ କୌଣସି ସନ୍ଧାନ ମିଳିଲା ନାହିଁ । ଦିନେ ସନ୍ଧ୍ୟା ସମୟରେ ରାମକୃଷ୍ଣ ମିଶନରୁ ଫେରି ବାଲିବ୍ରିଜ୍ ଅତିକ୍ରମ କରୁଥିଲି । ବ୍ରିଜ୍‌ର ମଧ୍ୟ ଭାଗରେ କେତେକ ଲୋକ ବସିଥିଲେ । ମନରେ ମୋର କୌତୁହଳ ଜାତ ହେଲା ।

ଦେଖିଲି ଅବିନାଶ ଚନ୍ଦ୍ର ଅତ୍ୟଧିକ ମଦ୍ୟ ପାନକରି ଅଚେତନ ଅବସ୍ଥାରେ ପଡ଼ିଛନ୍ତି । କେତେକ ଲୋକଙ୍କ ସାହାଯ୍ୟରେ ମୁଁ ତାଙ୍କୁ ହସପିଟାଲକୁ ନେଲି । ତା'ପରେ ମୁଁ ପ୍ରତି ମୁହୂର୍ତ୍ତରେ ତାଙ୍କର ଗତି ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବାକୁ ଲାଗିଲି । ଅବିନାଶ ଗଙ୍ଗା ତୀରରେ ଥିବା ଗୋଟିଏ କ୍ଷୁଦ୍ର ଅଟ୍ଟାଳିକାରେ ବାସ କରୁଥିଲେ । ସନ୍ଧ୍ୟା ସମୟରେ ତାଙ୍କ ନିକଟକୁ ବହୁ ଅପରାଧୀ ଓ ନଷ୍ଟ ଚରିତ୍ର

ବ୍ୟକ୍ତି ଆସନ୍ତି । କେତେବାର ଦୁଇ ତିନିଜଣ ବେଶ୍ୟା ମଧ୍ୟ ସେହି ସ୍ଥାନକୁ ଆସିବାର ମୁଁ ଦେଖିଛି । ସୁରାପାନ, ମାଂସ ଭୋଜନ ପ୍ରଭୃତିରେ ବହୁଳ ବ୍ୟୟ ହୁଏ । ସେହି ବ୍ୟୟ ଅବିନାଶ ବହନ କରନ୍ତି । ପରେ ଓଡ଼ିଶାକୁ ଆସି ଅବିନାଶ ଯୋସେଫଙ୍କ ସହିତ ସମ୍ପର୍କ ସ୍ଥାପନ କରିଥିଲେ ।

ପରେ ଜଣେ ବ୍ୟକ୍ତି ଅବିନାଶଙ୍କ ନିକଟକୁ ଆସି ଦୁଇ ତିନି ଦିନ ରହିଲେ । ସେ ହେଉଛନ୍ତି ରଣଜିତ । ରଣଜିତ ଅବିନାଶଙ୍କୁ ଗୋଟିଏ ମୁଦ୍ରାପୂର୍ଣ୍ଣ ଥଳି ଦେଇଗଲେ । ମୁଦ୍ରାର ପରିମାଣ ମୁଁ କହିପାରିବି ନାହିଁ ।

ପରେ ନିଶାର୍ଦ୍ଧରେ ରଣଜିତଙ୍କର ଅଟ୍ଟାଳିକା ନିକଟରେ ଗୋଟିଏ ଟ୍ୟାକ୍ସି ଆସି ଠିଆହେଲା । ରଣଜିତ ଚାରିଗୋଟି ଯୁବତୀଙ୍କୁ ଧରି ଟ୍ୟାକ୍ସିରେ ବସିଲେ । ମୁଁ ଆଉ ଗୋଟିଏ ଟ୍ୟାକ୍ସିରେ ତାର ଅନୁଧାବନ କଲି । ପ୍ରଭାତ ସମୟକୁ ଟ୍ୟାକ୍ସି ଗୋଟିଏ ସହରର ଉପ କଣ୍ଠରେ ବନ୍ଦ ହେଲା । ଅବିନାଶ ଯୁବତୀ ଚାରିଜଣଙ୍କ ସହିତ ଟ୍ୟାକ୍ସିରୁ ଓହ୍ଲାଇ ଗଲେ ।

ମୁଁ ତାଙ୍କର ଅନୁଗମନ କଲି । ସେ ଦୁର୍ଦ୍ଦିନ ମୁଁ ଭୁଲିପାରିବି ନାହିଁ । ସୁଧୀର ଦାସ ରୂପେ ମୁଁ ନିଜକୁ ଅବିନାଶଙ୍କ ନିକଟରେ ପରିଚିତ କରାଇଲି । ବନ୍ଦିନୀ ରେଣୁ ସମସ୍ତ ଗୋପନ ତଥ୍ୟ ଉଦ୍‌ଘାଟନ କରି ଆସୁଥିଲା । ଅବିନାଶଙ୍କର ଉପସ୍ଥିତି ସେଥିରେ ବାଧା ସୃଷ୍ଟି କଲା । ରେଣୁକୁ ମୁଁ କୌଶଳରେ ମୁକ୍ତକରି ଦେଲି । ଅନ୍ୟ ତିନିଜଣ ଯୁବତୀଙ୍କୁ ଅବିନାଶ ରଣଜିତଙ୍କୁ ବିକ୍ରୟ କରିଦେଲେ । ସେମାନଙ୍କୁ ମଧ୍ୟ ପ୍ରଦେଶ ପୋଲିସ ଉଦ୍ଧାର କରିଛନ୍ତି । ଗୁରୁଜଣ ବ୍ୟକ୍ତି ସେମାନଙ୍କୁ ବିବାହ କରିବା ନିମନ୍ତେ ବହୁ ମୂଲ୍ୟରେ କିଣିନେଇ ଥିଲେ ।”

ମୋର ନାମ ମହମ୍ମଦ ଉସମାନ ନୂର । ମଧ୍ୟ ପ୍ରଦେଶ ପୋଲିସ ବିଭାଗର ଇନ୍‌ସ୍‌ପେକ୍‌ଟର । ମଧ୍ୟପ୍ରଦେଶର ବିଭିନ୍ନ ଜିଲ୍ଲାରୁ ଗୋଟିକ ପରେ ଗୋଟିଏ ଯୁବତୀ ଅପହୃତା ହୁଅନ୍ତି । ତଦନ୍ତ ଭାର ଗ୍ରହଣ କରି ସେହି କୁଖ୍ୟାତ ଅପରାଧୀ ଦଳର ଅନୁସନ୍ଧାନ କରିବାକୁ ଲାଗିଲି । କେତେକ ମାସ ବିତିଗଲେ ମଧ୍ୟ ଅପରାଧୀ ଦଳର କୌଣସି ସନ୍ଧାନ ମିଳିଲା ନାହିଁ । ଭାନୁ ନାମରେ ଗୋଟିଏ ଅପହୃତା ଯୁବତୀ ପାଞ୍ଚମାସ ପରେ ଗ୍ରାମକୁ ଫେରି ଆସିଲା । ମୁଁ ବହୁ ଚେଷ୍ଟା କରି ଭାନୁ ନିକଟରୁ ଏଇ ଅପରାଧୀଦଳ ବିଷୟରେ କେତେକ ତଥ୍ୟ ସଂଗ୍ରହ କଲି । ସେହି ସୂତ୍ର ଅବଲମ୍ବନ କରି ମୁଁ ରଣଜିତଙ୍କର ବିଧବା ଶ୍ରମରେ ପହଞ୍ଚିଲି । ରଣଜିତଙ୍କର ରକ୍ଷିତା ସେବତୀ ସହିତ ବନ୍ଧୁତ୍ୱ ସ୍ଥାପନ କରି ମୁଁ ଏହି ଗୋପନ ଅପରାଧର ବିଷୟରେ ଏକ ସ୍ପଷ୍ଟ ଧାରଣା କଲି । ଯୋସେଫ୍‌ ଓ ଅବିନାଶ ବିଭିନ୍ନ ସ୍ଥାନରୁ ନାରୀ ଅପହରଣ କରି ରଣଜିତଙ୍କୁ ବିକ୍ରୟ କରୁଥିଲେ । ରଣଜିତ ସେହି ଯୁବତୀ ମାନଙ୍କୁ ଅଧିକ ଲାଭରେ ବିକ୍ରୟ କରୁଥିଲେ ।

ଜମ୍ବୁ ରୂପେ ନିଜକୁ ରଣଜିତଙ୍କ ନିକଟରେ ପରିଚୟ କରାଇ ମୁଁ ତାଙ୍କର ଭୃତ୍ୟରୂପେ କାର୍ଯ୍ୟ କରିବାକୁ ଲାଗିଲି । ମୋର କାର୍ଯ୍ୟ-କଳାପରେ ସନ୍ଦେହ କରି ରଣଜିତ ମୋତେ ହତ୍ୟା କରିବା ନିମନ୍ତେ ଚେଷ୍ଟା କରିଥିଲେ । ମଧ୍ୟପ୍ରଦେଶ, ଓଡ଼ିଶା ଓ ବଙ୍ଗର ପଚାଶ ଜଣ ମହିଳାଙ୍କୁ କ୍ରୟକରି ରଣଜିତ ଅଧିକ ମୂଲ୍ୟରେ ବିକ୍ରୟ କରିଛନ୍ତି । ସେମାନଙ୍କ ମଧ୍ୟରୁ କୋଡ଼ିଏ ଜଣଙ୍କୁ ଉଦ୍ଧାର କରାଯାଇଛି ।

ବିଚାରାଳୟ ।

ବିଚାରପତି ରାୟ ଶୁଣାଇଲେ, ଅପରାଧୀ, ରଣଜିତ ଅବିନାଶ, ମାର୍ଥା ଓ ଯୋସେଫ୍‌ । ନାରୀ ଅପହରଣ କରି ସେମାନଙ୍କୁ ଦାସୀ,

ବେଶ୍ୟାବୃତ୍ତି ଓ ଇଜ୍ଜ ବିକ୍ରିଛଳେ ଅନ୍ୟଙ୍କୁ ବିବାଧ କରିବା ନିମନ୍ତେ ବିବଶ କରିଥିବାରୁ ତୁମ୍ଭ ମାନଙ୍କୁ ଭାରତୀୟ ଦଣ୍ଡବିଧି ଆଇନର ୩୬୬ । ୩୭୨ ଦଫା ଅନୁଯାୟୀ ଦୋଷୀ ସାବ୍ୟସ୍ତ କରାଗଲା । ପ୍ରତ୍ୟେକଙ୍କୁ ଉକ୍ତ ଅପରାଧରେ ଦଶବର୍ଷ କରି ସଶ୍ରମ କାରାଦଣ୍ଡ ଭୋଗିବା ନିମନ୍ତେ ଆଦେଶ ଦିଆଗଲା ।

ଅପରାଧୀ ଯୋସେଫ୍ । ସୂର୍ଯ୍ୟମୁଖୀକୁ ହତ୍ୟାକରିବା ଅଭିଯୋଗରେ ତୁମକୁ ଭାରତୀୟ ଦଣ୍ଡବିଧି ଆଇନର ୩୦୨ ଦଫା ଅନୁଯାୟୀ ଦୋଷୀ ସାବ୍ୟସ୍ତ କରାଯାଇ ମୃତ୍ୟୁଦଣ୍ଡ ଭୋଗିବା ନିମନ୍ତେ ଆଦେଶ ଦିଆଗଲା ।





# ପ୍ରତିହିଂସା

ଶ୍ରୀ ଯୋଗେନ୍ଦ୍ର କୁମାର ମହାନ୍ତି

ଟ୍ରେନ୍ ଚାଲିଛି । ନର୍ମାଣ୍ଡିର ଅଖଣ୍ଡ ମରୁବକ୍ଷକୁ ଚହଲାଇ ଚାଲିଛି ଗୁଡସ୍ ଟ୍ରେନ୍ । ଗାର୍ଡ କ୍ଲାଉଡ୍ ସାଇଡ୍ ଗ୍ଲାସରେ ତନ୍ଦ୍ରା ଛନ୍ନ ପ୍ରକୃତି ଉପରେ ଆଖି ବୁଲାଇ ଆଣୁଛନ୍ତି ।

ଅନ୍ତରରେ ହର୍ଷ ଓ ଉତ୍କଣ୍ଠା । ତିନିମାସ ଛୁଟିନେଇ ସେ ସ୍ୱଦେଶକୁ ଯାଉଛନ୍ତି । ବିବାହ । ଏପର୍ଯ୍ୟନ୍ତ ବର୍ଷ ପୁରିନାହିଁ । ସ୍ତ୍ରୀ ମେଘାଅଙ୍କର ମୁହଁ ଥରକୁ ଥର ଆଖି ଆଗରେ ନାଚି ଯାଉଛି । କ୍ଲାଉଡ୍ ସୁସ୍ୱର ମାରି ଗୀତ ଆରମ୍ଭ କରି ଦେଇଛନ୍ତି ।

ହଠାତ୍ ଟ୍ରେନ୍‌ର ଗତି ମନ୍ଥର ହୋଇ ଆସିଲା । ଟ୍ରେନ ବନ୍ଦକରି ଡ୍ରାଇଭର କ୍ଲାଉଡ୍‌ଙ୍କ ନିକଟକୁ ଆସିଲେ ।

ଅବସନ୍ନ ଦୃଷ୍ଟିରେ କ୍ଲାଇଡ଼୍ ଡ୍ରାଇଭରଙ୍କର ମୁହଁକୁ ଚାହିଁ ରହିଲେ । ଡ୍ରାଇଭର ଆଗନ୍ଧପାନୋ ନମ୍ରକଣ୍ଠରେ କହିଲେ "ଲାଇନ୍ ଉପରେ କେହି ନିଆଁ ଲଗାଇ ଦେଇଛି ।"

ଚାଲକୁ ଓହ୍ଲାଇ ଆସି କ୍ଲାଇଡ଼୍ ପଚାରିଲେ, "ଷ୍ଟେସନ ଏଠାରୁ କେତେ ଦୂର ?

ପ୍ରାୟ ତିନି ମାଇଲ ।

ମି. ଅଗି, ତୁମେ କମ୍ବା ଖଲସି ଯାଇଁ ଦେଖିଆସିଲେ ଭଲ ହୁଅନ୍ତା ।

ଡ୍ରାଇଭର ଆଗି ଝପାନୋ କୌଣସି ଉତ୍ତର ଦେଲେ ନାହିଁ । ଉତ୍କଣ୍ଠାଭରା କଣ୍ଠରେ କ୍ଲାଇଡ଼୍ କହିଲେ, "ଯେଉଁଠାରେ ନିଆଁ ଜଳୁଛି ସେ ସ୍ଥାନର ଦୂରତ୍ୱ ଏଠାରୁ ପ୍ରାୟ ଦୁଇଶହ ଗଜ ଦୂର ହେବ ।"

ଗାର୍ଡ଼, ଡ୍ରାଇଭର ଓ ଖଲସି ବାଲ୍ଟି ଧରି ନିଆଁ ଲିଭାଇବା ନିମନ୍ତେ ବାହାରି ଗଲେ । ପ୍ରାୟ ଏକ ଘଣ୍ଟା ଅକ୍ଳାନ୍ତ ପରିଶ୍ରମ ପରେ ଅଗ୍ନି ନିର୍ବାପିତ ହେଲା । ଟ୍ରାକ୍‌ର ତିନୋଟି ସ୍ଲିପର୍ ଏକାବେଳେକେ ଜଳିଯାଇଥିଲା ।

କପାଳରୁ ଝାଳ ପୋଛି କ୍ଲାଇଡ଼୍ କହିଲେ, "ଗୁଡ଼ସ୍ ଟ୍ରେନ୍ ପହଞ୍ଚିବାପରେ ଏକସ୍‌ପ୍ରେସ୍ ଛାଡ଼ିବାର କଥା । ବର୍ତ୍ତମାନ ଟ୍ରାକ୍‌ର ଅବସ୍ଥା ଯାହା ତା ଉପରେ ଟ୍ରେନ୍ ଚଳାଚଳ ନିରାପଦ ନୁହେଁ । ଷ୍ଟେସନ୍ ମାଷ୍ଟରଙ୍କୁ ସଙ୍ଗେ ସଙ୍ଗେ ସମ୍ବାଦ ଦେବା ଆବଶ୍ୟକ । ତୁମେ କିମ୍ବା ଖଲସି ଷ୍ଟେସନକୁ ଯାଇଁ ଏହି ସମ୍ବାଦ ଜଣାଇ ଦିଅ ।"

ଖିନ୍ନ କଣ୍ଠରେ ଡ୍ରାଇଭର କହିଲେ, "ସେପରି କଥା କୁହନ୍ତୁ ନାହିଁ । ଏ ରାସ୍ତାରେ ଷ୍ଟେସନ୍ ଯିବା ନିରାପଦ ନୁହେଁ । ବହୁଲୋକ ରାତିରେ ଏ ବାଟ ଦେଇ ଯିବା ବେଳେ ମୃତ୍ୟୁବରଣ କରିଛନ୍ତି ।"

ଆଶ୍ଚର୍ଯ୍ୟ ହୋଇ କ୍ଲାଇଡ୍ ଚାହିଁଲେ ।

"କାହିଁକି ?"

କେତେକ ମୁହୂର୍ତ୍ତ ନୀରବ ରହି ଟେପାନୋ କହିଲେ; "ସେ ଏକ ଭୟଙ୍କର କଥା । ଏଠାରୁ ପ୍ରାୟ ଏକ ଫର୍ଲଙ୍ଗ ଗଲେ ଟ୍ରେନ୍ ଲାଇନ୍ କଡ଼ରେ ଗୋଟାଏ ବରଗଛ ଅଛି । ସେହି ଗଛରେ ଗୋଟାଏ ଦୁର୍ଦ୍ଦାନ୍ତ ପ୍ରେତାତ୍ମା ଅଛି ।"

"ସତେନା ?" ହସି ଉଠିଲେ କ୍ଲାଇଡ୍ ।

"ଆପଣ ମୋ କଥା ବିଶ୍ୱାସ କରୁ ନାହାନ୍ତି ?"

ତୁମ କଥା କଅଣ ? ମୁଁ ପ୍ରେତକୁ ବିଶ୍ୱାସ କରେ ନାହିଁ । ତୁମେ କେହି ନଗଲେ ମୁଁ ଯିବି ।"

କ୍ଲାଇଡ୍ ଯିବା ନିମନ୍ତେ ଉଦ୍ୟତ ହେଲେ ।

ବାଧା ଦେଇ ଟେପାନୋ କହିଲେ, "ଭଗବାନଙ୍କୁ ଦୁହାଇ ଦେଇ କହୁଛି ସେପରି କରନ୍ତୁ ନାହିଁ । ନିଜର ଜୀବନକୁ ବିପଦାପନ୍ନ କରନ୍ତୁ ନାହିଁ ।

ଯୁବକ କ୍ଲାଇଡ୍ ଡ୍ରାଇଭରଙ୍କ କଥାକୁ ଉପହାସରେ ଉଡ଼ାଇ ଦେଲେ । ସିଗ୍ନାଲ୍ ବତି ଧରି ସେ ନିଜେ ଷ୍ଟେସନ୍ ଅଭିମୁଖେ ଯାତ୍ରା କଲେ ।

ଭୟାତୁର ଦୃଷ୍ଟିରେ ଚାହିଁ ରହିଲେ ଡ୍ରାଇଭର ଓ ଖଲାସୀ ।

ବରଗଛ ପାଖେଇ ଆସିଲା । ନିବିଡ଼ ଅନ୍ଧକାରର ଗୋଟାଏ ଦୋଳାୟିତ ସ୍ତୂପ । କେତୋଟି ମୁହୂର୍ତ୍ତ କ୍ଲାଇଡ୍ ବର ଗଛର ଆନ୍ଦୋଳିତ ଶାଖା ଗୁଡ଼ିକୁ ସ୍ଥିର ଦୃଷ୍ଟିରେ ଚାହିଁ ରହିଲେ । ସେ ପୁଣି ଆଗେଇ ଚାଲିଲେ ।

ଆଗରେ ଡିସ୍‌ଟାଣ୍ଟ ସିଗନାଲ୍ । ଜଣେ କେହି ବସିଛି । ନିଶ୍ଚୟ ଡିସ୍‌ଟାଣ୍ଟ ସିଗନାଲକୁ ଆଉଜି କେହି ଜଣେ ବସିଛି ।

ନିକଟକୁ ଆସିଲେ କ୍ଲାଇଭ୍‌ । ଏକ ଭୟଙ୍କର ଦୃଶ୍ୟ । ଦୁଇ ଆଖି ରୁମାଲରେ ପୋଛି ପୁଣି ଚାହିଁଲେ କ୍ଲାଇଭ୍‌ । ନା ତାଙ୍କର ଭୁଲ ହୋଇ ନାହିଁ । ନିଜର ଦୁଇଆଖି ଓ ବତୀର ଉଜ୍ଜ୍ୱଳ ଆଲୋକକୁ ସେ ଅବିଶ୍ୱାସ କରିପାରିବେ ନାହିଁ । ଜୀବନରେ ଏପରି ଏକ ଦୃଶ୍ୟର ସମ୍ମୁଖୀନ ହେବେ ବୋଲି ଶ୍ୱେତାଙ୍ଗ ଗାର୍ଡ କେବେହେଲେ କଳ୍ପନା କରି ନଥିଲେ ।

ଡିସ୍‌ଟାଣ୍ଟ ସିଗ୍‌ନାଲକୁ ଆଉଜି ବସିଥିଲା, ଗୋଟାଏ ହସ୍ତ ପାଦହୀନ ବିକୃତ ମାନବ । ଏକାବେଳକେ ନିଥର ।

ଲୋକଟା ମରିଛି କି ବଞ୍ଚିଛି ତାହାହିଁ ଚିନ୍ତା କରୁଥିଲେ କ୍ଲାଇଭ୍‌ । ଛିନ୍ନ ହାତ ଓ ପାଦରୁ ଯେ ପର୍ଯ୍ୟନ୍ତ ରକ୍ତର ଧାର ଛୁଟି ଚାଲିଛି । ତେବେ କଅଣ ମର୍ଡର ? ଆକ୍‌ସିଡେଣ୍ଟ ? ସୁଇସାଇଡ୍‌ ?

ଆହୁରି ନିକଟକୁ ଗଲେ କ୍ଲାଇଭ୍‌ । ଲୋକଟିର ଅଧର ଦ୍ୱିଖଣ୍ଡିତ ହେଲା । କ୍ଷୀଣ ଦୃଷ୍ଟିରେ ସେ କ୍ଲାଇଭ୍‌ଙ୍କୁ ଚାହିଁ ରହିଥିଲା ।

ଆଶ୍ୱସ୍ତ ହେଲେ କ୍ଲାଇଭ୍‌ । ଲୋକଟା ତାହାହେଲେ ବଞ୍ଚିଛି । ଅବଶ୍ୟ ତାଙ୍କ ନିକଟରେ ପୂର୍ଣ୍ଣ ଅପରିଚିତ ।

ରାତିର ନିଥର ମୁହୂର୍ତ୍ତକୁ ଥରାଇ ହତଭାଗ୍ୟ । ଚିତ୍କାର କରି ଉଠିଲା, "ମିଃ କ୍ଲାଇଭ୍‌ ।"

ଚମକି ପଡ଼ିଲେ ଗାର୍ଡ । ଲୋକଟା ତାଙ୍କୁ ଚିହ୍ନିଲା କିପରି ? କାହିଁ ପୂର୍ବରୁ ତା ସହିତ ପରିଚୟ ଥିଲା ପରି ମନେ ହେଉ ନାହିଁ ତ ।

ଶୁଭ ରାତ୍ରି, ମହାଶୟ; ଉତ୍ତର ଦେଲେ କ୍ଲାଇଭ୍‌ ।

ଲୋକଟି ପୁଣି ହସି ଉଠିଲା । ଛିନ୍ନ ହାତ ପାଦର ଯନ୍ତ୍ରଣା ସେ ବୋଧହୁଏ ମୋଟେ ଅନୁଭବ କରୁ ନଥିଲା ।

କ୍ଲାଇଭ୍‌ ନୀରବ ।

ନୀରବତା ଭଙ୍ଗକରି ରହସ୍ୟ ଘେରା ମାନବ କହିଲା । 'ତୁମେ ଆଶ୍ଚର୍ଯ୍ୟ ହେଉଥିବ, ମୁଁ ତୁମକୁ ଚିହ୍ନିଲି କପରି ? ତୁମେ ନିଷ୍ଟସ୍କୁ ଷ୍ଟେସନକୁ ଯାଉଛ । ମୋର ଗୋଟାଏ ଅନୁରୋଧ ରକ୍ଷା କରିବ ?

ସଂକ୍ଷେପରେ କ୍ଲାଇଡ୍ ଉତ୍ତର ଦେଲେ "ନିଷ୍ଟସ୍କୁ ।" ମୁଁ ଶପଥ କରୁଛି । ଆପଣଙ୍କର ଅନୁରୋଧ ରକ୍ଷା କରିବି ।

ବହୁ ଦିନରୁ ମୁଁ ଗୃହା ଓ ବିସ୍କୁଟ ଖାଇ ନାହିଁ ।

ରୋମାଞ୍ଚ ଓ କୌତୁହଳ କ୍ଲାଇଡ୍‌କୁ ଅତିଷ୍ଠକରି ପକାଇ ଥିଲା । ଲୋକ ଟାର କବଳରୁ କପରି ମୁକ୍ତ ପାଇବେ ସେ ତାହାହିଁ ଚିନ୍ତା କରୁଥିଲେ । କପରି ପରିସ୍ଥିତିରେ ସେ ହତଭାଗ୍ୟ ଏପରି ଦୁର୍ଘଟଣାର ସମ୍ମୁଖୀନ ହେଲା । ତାହା ପଚାରିବା ନିମନ୍ତେ କିମ୍ବା ସେହି ପ୍ରେତାତ୍ମିତ ମୂର୍ତ୍ତି ଦିଗକୁ ଗୃହିଁବାକୁ କ୍ଲାଇଡ୍‌ଙ୍କର ସାହାସ ହେଲା ନାହିଁ । ଦ୍ରୁତ ପାଦରେ ସେ ଷ୍ଟେସନ ଦିଗକୁ ଅଗ୍ରସର ହେଲେ ।

କେତେଜଣ ଲୋକ ପଠାନ୍ତୁ । ଟ୍ରାକ୍‌ଟା ଏକାବେଳେକେ ନଷ୍ଟ ହୋଇ ଯାଇଛି । ମାଇଲ ନଂ୬୩୫ ଏ ପାଖରେ ଗୁଡ୍‌ସଟ୍ରେନ୍ ଠିଆ ହୋଇ ରହିଛି ।"

ଷ୍ଟେସନ ମାଷ୍ଟର ଆଲବର୍ଟ ଆଁ କରି କ୍ଲାଇଡ୍‌ଙ୍କର ମୁହଁକୁ ଚାହିଁ ରହିଥିଲେ । ଯେପରି କିଛି ବୁଝି ପାରୁ ନାହାନ୍ତି । ଦୁଇ ଚକ୍ଷୁରେ ବିହ୍ୱଳର ଭାବ ।

ଅସ୍ଥିର କଣ୍ଠରେ ଗାର୍ଡ କହିଲେ "ଶୀଘ୍ର କାହାରିକୁ ପଠାନ୍ତୁ ।"

ଷ୍ଟେସନ ମାଷ୍ଟର ନୀରବ ।

ନମ୍ର କଣ୍ଠରେ କ୍ଲାଇଡ୍ କହିଲେ, "କ୍ଷମା କରିବେ, ଆପଣ ବୋଧହୁଏ ଅସୁସ୍ଥ ?"

ଥର ଥର କଣ୍ଠରେ ଷ୍ଟେସନ ମାଷ୍ଟର ପଚାରିଲେ; ସେଇ ବାର୍ତ୍ତା ଗଛଟା ପାଖିହୋଇ ଆସିଲା କପରି ?

କାହିଁକି ? ହସି ଉଠିଲେ କ୍ଲାଇଭ୍ ।

ତୁମେ ହସୁଛ; ଏକାଧିକ ଲୋକଙ୍କୁ ସମ୍ପ୍ରଦାନ ସେହି ସ୍ଥାନରେ ହତ୍ୟା କରିଛି । କିନ୍ତୁ ତୁମେ......।

ଷ୍ଟେସନ ମାଷ୍ଟର ଥରି ଉଠିଲେ । ଗୋଟାଏ ସମ୍ପ୍ରଦାନ ଦଳ ଯେପରି ତାଙ୍କରି ଘରିପାଖୁ ମାଡ଼ି ଆସୁଥିଲେ ।

ଛୁରା ଓ ରିଭଲଭର ଧରି ଫେରି ଆସିଲେ କ୍ଲାଇଭ୍ । କିନ୍ତୁ ଲୋକଟି ତ ନାହିଁ । ଦୁଇ ଆଖି ମଳି ପୁଣି ଚାହିଁଲେ ଗାର୍ଡ଼ । ଓଃ, ତାଙ୍କର ଟିକିଏ ଭୁଲ ହୋଇଗଲା । କେହି ଗୋଟାଏ ଡ଼ିସ୍‌ଟାଣ୍ଟ ସିଗ୍‌ନାଲକୁ ଆଉଜି ବସିଛି ।

ନିକଟକୁ ଯାଇଁ କ୍ଲାଇଭ୍ ଯାହା ଦେଖିଲେ ସେଥିରେ ତାଙ୍କର ଚକ୍ଷୁ ସ୍ଥିର ହୋଇ ଗଲା । ଗୋଟାଏ କବନ୍ଧ ସିଗନାଲ୍ ଖୁଣ୍ଟକୁ ଭରଦେଇ ବସିଥିଲା । କିଛି ଦୂରରେ ତାର ସଦ୍ୟ କଟା ମୁଣ୍ଡଟା ପଡ଼ି ରହିଥିଲା ।

ଆତଙ୍କରେ ଥରି ଉଠିଲେ କ୍ଲାଇଭ୍ । ଏଇ ଦୁଇ ଘଣ୍ଟା ପୂର୍ବରୁ ସେ ଲୋକଟାକୁ ଦେଖି ପାଇଥିଲେ । ତାକୁ ଏପରି ନିର୍ମ୍ମମ ଭାବରେ ହତ୍ୟା କଲା କିଏ ?

ମୋ ନିମନ୍ତେ ଛୁରା ଓ ରିଭଲଭର ଆଣିଛ ? କଟା ମୁଣ୍ଡଟି କହି ଉଠିଲା ।

ଆଶ୍ଚର୍ଯ୍ୟ ହେଲେ କ୍ଲାଇଭ୍ ! ଏପରି ଗୋଟିଏ ଅବାସ୍ତବ ଘଟଣା ସେ ସ୍ୱପ୍ନରେ ସୁଦ୍ଧା କଳ୍ପନା କରି ନଥିଲେ । କଅଣ କରିବେ କିଛି ଠିକ କରି ପାରିଲେ ନାହିଁ । ଅଶରୀରୀ ଭୂତରେ ବାସ୍ତବବାଦ ନାସ୍ତିକତାର ଏକ ରୂପାନ୍ତର ବୋଲି ତାଙ୍କର ଧାରଣା ଥିଲା । ଆଜି ସେହି ଧାରଣା ଏକାବେଳେକେ ଦୂର ହୋଇ ଗଲା ।

କଟା ମୁଣ୍ଡଟା ପୁଣି ଚିତ୍କାର କରି ଉଠିଲା "ମୁଁ ନିଜେ ଖାଇବା ନିମନ୍ତେ ଅସମର୍ଥ । ଦୟାକରି ମୋତେ ଟିକିଏ ସାହାଯ୍ୟ କର ।"

କ୍ଲାଇଡ୍ ଖଣ୍ଡିଏ ଖଣ୍ଡିଏ ବିସ୍‌କୁଟ ପ୍ରେତର ପାଟିକୁ ବଢ଼ାଇ ଦେବାକୁ ଲାଗିଲେ । ବିସ୍‌କୁଟ ଓ ରୁହା ଶେଷକରି ମୁଣ୍ଡଟା କହିଲା "ଧନ୍ୟବାଦ ।"

କ୍ଲାଇଡ୍‌ଙ୍କୁ ଏ ସମସ୍ତ ଅସହ୍ୟ ବୋଧ ହେଲା । କପରି ସେ ସ୍ଥାନ ତ୍ୟାଗକରି ଚାଲିଯିବେ ଏହାହିଁ ଚିନ୍ତାକରୁ ଥିଲେ । ଅସହିଷ୍ଣୁ କଣ୍ଠରେ ସେ କହିଲେ "ନମସ୍କାର, ମୁଁ ବିଦାୟ ନେଉଛି,

ନାହିଁ, "କଟା ମୁଣ୍ଡଟା ଚିତ୍କାର କରି ଉଠିଲା ।

ତାହା ଯେପରି ଅନୁରୋଧ ନୁହେଁ ଆଦେଶ ।

କେତେକ ମୁହୂର୍ତ୍ତ ନୀରବରେ କଟିଗଲା । ଛିନ୍ନ ମେଘତଳେ ଜ୍ୟୋତ୍ସ୍ନା ଲୁଇ ଲୁଇଆ ହୋଇ ଆସିଲା । ନୀରବତା ଭଙ୍ଗକରି ରହସ୍ୟ ମୟ ମସ୍ତକ କହିଲା—

"ମିଃ କ୍ଲାଇଡ୍ । ଦୀର୍ଘ ଛଅବର୍ଷ, ଅନ୍ଧାରର ଗୋଟାଏ ଜ୍ୱାଳାମୟ ଅଧ୍ୟାୟ । ନିରବଚ୍ଛିନ୍ନ ବୃଷ୍ଟିପାତ । ଝଡ଼ର ଝଞ୍ଝ ନିଶ୍ୱାସ । ଯନ୍ତ୍ରଣା ଦାୟକ ତପ୍ତ ରୌଦ୍ର ତଳେ ମୁଁ ଅପେକ୍ଷା କରି ରହିଛି । ଦୀର୍ଘ ଛଅବର୍ଷ, ଅନ୍ଧାରର ଗୋଟାଏ ବିଭିଷୀକାମୟ କାହାଣୀ କହିବି ବୋଲି ଦୀର୍ଘ ଛଅବର୍ଷ ମୁଁ ଅପେକ୍ଷା କରିଛି । ଜଣଙ୍କପରେ ଜଣେ ଏଇ ବାଟେ ଦେଇ ଚାଲି ଯାଇଛନ୍ତି । ମୁଁ ସେମାନଙ୍କର କୌଣସି କ୍ଷତି କରିବା ନିମନ୍ତେ ଚେଷ୍ଟା କରିନାହିଁ । ସେମାନଙ୍କୁ ଦେଖା ଦେଇଛି କେବଳ ସେହି କାହାଣୀ କହି ଶାପ ମୁକ୍ତହେବି ବୋଲି । କିନ୍ତୁ ସେମାନେ ମୋତେ ସୟତାନ ବୋଲି ଆଖ୍ୟା ଦେଇ ଅପମାନ କରିଛନ୍ତି । ସେମାନଙ୍କ ଭିତରୁ କେତେ ନିଜ ଦୋଷରୁ

ମରି ଛନ୍ତି । ମୁଁ ସେଥି ନିମନ୍ତେ ଦାୟୀ ନୁହେଁ । ନିଜର ଅଭିଜ୍ଞତାକୁ ତୁମେ କେବେହେଲେ ଅସ୍ୱୀକାର କରି ପାରିବ ନାହିଁ । ଗତାୟୁର ଅତୃପ୍ତ ଆତ୍ମା ଜୀବନର କେତେକ ଅବରୁଦ୍ଧ କାହାଣୀ କହିବା ନିମନ୍ତେ ରୂପନିଏ । ଲୋକେ ତାକୁ ଭୂଲ ବୁଝନ୍ତି । କୁହନ୍ତି ଭୂତ । ସପ୍ନତାନ ।

ଆଜକୁ ଠିକ୍ ସାତବର୍ଷ ତଳେ । ଆଜ କେତେ ତାରିଖ ?

ଉତ୍କଣ୍ଠାଭରା କଣ୍ଠରେ କ୍ଲାଇଡ୍ ଉତ୍ତର ଦେଲା "ଜୁନ ବାଇଶ ।"

କେତେଦିନ ପୂର୍ବରୁ, ମୋର ସୁନ୍ଦରୀ ମେରିଆଙ୍କ ସହିତ ଦେଖାହୁଏ । ସେ ଥିଲେ କୁମାରୀ । ସୌନ୍ଦର୍ଯ୍ୟମୟୀ ମେରିଆଙ୍କୁ ବିବାହ କରିବା ନିମନ୍ତେ ବହୁ ଯୁବକ ପାଗଳ ହୋଇ ଉଠିଥିଲେ । କିନ୍ତୁ ମେରୀଆ ନିଜର ପବିତ୍ର ଅଙ୍ଗ କାହାରି ନିକଟରେ ସମର୍ପିଦେବା ନିମନ୍ତେ ପ୍ରସ୍ତୁତ ନଥିଲେ ।

ମେରୀଆ ମୋତେ ଭଲ ପାଉଥିଲେ । ମୋଭି ଭଳି ଆଉ ଜଣେ ସୁନ୍ଦର ଯୁବକ ମେରିଆକୁ ଭଲ ପାଉଥିଲେ । ସେ ହେଲେ ମିଃ ହେରିଆଟ । ହେରିଆଟ ମଧ୍ୟ ରେଲୱେରେ ଚାକିରୀ କରୁଥିଲେ । ସେ ଥିଲେ ଦୀର୍ଘକାୟ ସୁନ୍ଦର ଓ ବଳିଷ୍ଠ । ମୋ ଅପେକ୍ଷା ତାଙ୍କର ଓଜନ ସତର ପାଉଣ୍ଡ ଅଧିକ ଥିଲା ।

ହେରିଆଟଙ୍କର ସୌନ୍ଦର୍ଯ୍ୟ ଓ ଶକ୍ତି ଭିତରେ ଗୋଟାଏ କଳଙ୍କ ଆତ୍ମଗୋପନ କରିଥିଲା । ସେ ଥିଲେ ମଦ୍ୟପ ଓ ଲମ୍ପଟ । ବହୁ କୁମାରୀଙ୍କୁ ବିପଥକୁ ଟାଣି ଆଣି ସେ ସେମାନଙ୍କର ସର୍ବନାଶ କରିଥିଲେ ।

ମେରୀଆ ହେରଆଟଙ୍କୁ ଘୃଣା କରୁଥିଲେ । ମୁଁ ହେରଆଟଙ୍କୁ ଭଲ ପାଉଥିଲି । ସେ ଥିଲେ ଦସ୍ୟୁ । ତାଙ୍କର ନଷ୍ଟ, ଚରିତ୍ର କଥା ଭାବିଲେ ମୋ ମନରେ ବ୍ୟଥା ଜନ୍ମୁଥିଲା ।

ହେରଆଟ ବୋଧହୁଏ ମୋତେ ବିଶ୍ୱାସ କରୁ ନଥିଲେ । ମୁଁ ଥିଲି ତାଙ୍କର ପ୍ରତିଦ୍ୱନ୍ଦୀ । ହେରଆଟ ଅନେକ ଥର ମୋତେ କହିଛନ୍ତି "ଜନ ଷ୍ଟାଗାର, ମେରୀଆ ତୁମକୁ ପ୍ରାଣଦେଇ ଭଲ ପାଆନ୍ତି ।"

ତାଙ୍କର ଏହି କଥା ଶୁଣିଲେ ମୋ ମନ ବ୍ୟଥାରେ ଭରିଯାଏ ।

ମେରୀଆ ହେରଆଟଙ୍କୁ ଘୃଣା କରୁଥିଲେ । ଏପରି କି ତାଙ୍କ ଆଗକୁ ଆସିବାକୁ ମେରୀଆ ପସନ୍ଦ କରୁ ନଥିଲେ । ହେରଆଟଙ୍କର ପ୍ରତିହିଂସାଶୀଳ ମନ ନିଶ୍ଚୟ ପ୍ରତିହିଂସାରେ ଜଳି ଉଠିଥିବ । ମୁଁ କିନ୍ତୁ ହେରଆଟଙ୍କୁ ପୂର୍ବପରି ଗଭୀର ସ୍ନେହ କରୁଥିଲି ।

ବଡ଼ଦିନ । ବନ୍ଧୁ ହେରଆଟ ଓ ମୁଁ ଗିର୍ଜାରୁ ଫେରିଲୁ । ଦୁହିଙ୍କ ମନରେ ଅବାରିତ ଆନନ୍ଦ । ଗୋଟାଏ ହୋଟେଲକୁ ଗଲୁ । ହେରଆଟ ସେଦିନ ବହୁ ଅର୍ଥ ବ୍ୟୟ କରିଥିଲେ । ସେ ମୂଲ୍ୟବାନ ମଦ୍ୟ କିଣିଲେ । ଦୁହେଁ ମଦ୍ୟପାନ କଲୁ । ରାତି ଆଠଘଣ୍ଟା ସମୟରେ ରେଭରେଣ୍ଡ ମାକେଲି ଦୁହିଙ୍କୁ ରାତି ଭୋଜନ ନିମନ୍ତେ ନିମନ୍ତ୍ରଣ କରିଥାଆନ୍ତି ।

ଅପରାହ୍ନର ଉଜ୍ଜ୍ୱଳ ସୂର୍ଯ୍ୟାଲୋକ ପୃଥିବୀ ଉପରେ ବିଛେଇ ହୋଇ ପଡ଼ିଥାଏ । ହେରଆଟ କହିଲେ—'ବନ୍ଧୁ ଜନ୍; ଏପରି ଏକ ଉଜ୍ଜ୍ୱଳ ଅବସରରେ ଟିକିଏ ବୁଲି ଆସିଲେ ଭଲ ହୁଅନ୍ତା ନାହିଁ ?'

ଦୁହେଁ ବାହାରି ପଡ଼ିଲୁ । ବାଟରେ ହେରିଅଟ ନିଜ ପକେଟରୁ ଗୋଟାଏ ନକଲି ଦାଢ଼ି ବାହାର କରି ମୁହଁରେ ପିନ୍ଧିଲେ । ମୁଁ ଆଶ୍ଚର୍ଯ୍ୟ ହେଲି । ହସି ଉଠି ହେରିଅଟ କହିଲେ । "ଏଇ ଛଦ୍ମ ବେଶ ଭିତରେ ଆଜି ରେଭରେଣ୍ଡ ମାକେଲଙ୍କୁ ଆଶ୍ଚର୍ଯ୍ୟ କରିଦେବ ।"

ଦୁହେଁ ଟ୍ରେନ ଲାଇନ୍ କଡ଼େ କଡ଼େ ଚାଲୁଥିଲୁ । ରେଲପଥର ଦୁଇ ପାଖରେ ଧାଡ଼ି ଧାଡ଼ି ତାଳଗଛ । ତା'ର ଆନ୍ଦୋଳିତ ଛାୟା ଜମି ରହିଥିବା ପାଣି ଉପରେ ପଡ଼ୁଥାଏ । ସେହି ସୁନ୍ଦର ଦୃଶ୍ୟ ଦେଖି ମୁଁ ମୁଗ୍ଧ ହୋଇପଡ଼ିଲି ।

ହେରିଅଟ ମୋତେ କଳ୍ପନା ରାଜ୍ୟରୁ ଫେରାଇ ଆଣିଲେ । ସୁଦୂର ପାହାଡ଼ର ଅସ୍ପଷ୍ଟ ଛାୟା ଆଡ଼କୁ ଚାହିଁ ସେ କହିଲେ, 'ଜନ୍ ତୁମେ ଭାଗ୍ୟବାନ । ମେରୀଆ ନିଶ୍ଚୟ ତୁମକୁ ବିବାହ କରିବେ । ସେହି ବନ୍ୟ ସୁନ୍ଦରୀଙ୍କୁ ସ୍ତ୍ରୀରୂପେ ପାଇବା ସ୍ୱର୍ଗଲାଭ ସଙ୍ଗେ ସମାନ ।

ମୁଁ ନୀରବ ଥିଲି । କେବଳ ଝଲକାଏ ହସ ମୋ ମୁହଁରୁ ବାହାରି ପଡ଼ିଲା ।

ହେରିଅଟ ଗମ୍ଭୀର ହୋଇ ଉଠିଲେ । ତୀକ୍ଷ୍ଣ ଦୃଷ୍ଟିରେ ସେ ମୋତେ ଚାହିଁ ରହିଥିଲେ । ମନରେ ମୋର ସନ୍ଦେହ ହେଲା । ଅସନ୍ତୁଷ୍ଟ କଣ୍ଠରେ ପଚାରିଲି, "ମୋ ଆଡ଼କୁ ସେପରି ଭାବରେ ଚାହିଁ ରହିଛ କାହିଁକି ?

ତୁମ ପରି ଜଣେ ବନ୍ଧୁ ପାଇ ମୁଁ ନିଜକୁ ଭାଗ୍ୟବାନ ମନେ କରୁଛି ।

ଆଗରେ ପୋଲ । ୨୪ ଡ଼ାଉନ ଗୁଡ଼୍‌ସ ଟ୍ରେନ ତୀବ୍ର ଗତିରେ ମାଡ଼ି ଆସୁଥିଲା । ପୋଲ ଅତିକ୍ରମ କରିବା ନିମନ୍ତେ ସାହସ ହେଲା ନାହିଁ । ମୁଁ ଓ ହେରିଆଟ୍ ରେଲପଥ କଡ଼ରେ ଠିଆ ହୋଇ ଅପେକ୍ଷା କଲୁ ।

ଯନ୍ତ୍ର ଦାନବ କ୍ରମେ ନିକଟରୁ ନିକଟତର ହେବାକୁ ଲାଗିଲା । ଆମ ପାଖରେ ପହଞ୍ଚିବାକୁ ମାତ୍ର କେତେ ଗଜ ଅଛି । ହେରିଆଟ୍‌ଙ୍କର ପ୍ରବଳ ଧକ୍କା ସମ୍ଭାଳି ନ ପାରି ମୁଁ ଟ୍ରାକ୍ ଉପରେ ପଡ଼ିଗଲି । ଆତ୍ମରକ୍ଷା କରିବା ନିମନ୍ତେ ମୋତେ ସମୟ ମିଳିଲା ନାହିଁ । ନିର୍ମମ ଯନ୍ତ୍ର ଦାନବ କ୍ରୁଦ୍ଧ ଆକ୍ରୋଶରେ ମୋର ଶରୀରକୁ ଛିଅଖଣ୍ଡ କରି ଚାଲିଗଲା ।

ରକ୍ତର ପ୍ରାଚୁର୍ଯ୍ୟ ଭିତରେ ପଡ଼ି ରହିଲା ମୋର ଶରୀରର ଛିନ୍ନ ଅଂଶ ।

ପୋଲିସ ବହୁ ଅନୁସନ୍ଧାନ କରି ମଧ୍ୟ ସେହି ଶ୍ମଶ୍ରୁଧାରୀ ଆତତାୟୀକୁ ଆବିଷ୍କାର କରିପାରିଲେ ନାହିଁ । ହେରିଆଟ୍ ଆତତାୟୀକୁ ଧରିବାର ଛଳନା କରି ପୋଲିସ ଆଖିରେ ଧୂଳିଦେଲେ ।

"ହେରିଆଟ୍ କ୍ଲାଇଭ୍ ।"

କଟା ମୁଣ୍ଡଟା ଚିତ୍କାର କରି ଉଠିଲା ।

ଚମକି ପଡ଼ିଲେ କ୍ଲାଇଭ୍ । କଟା ମୁଣ୍ଡ ଓ ଶରୀରର ଛିନ୍ନ ଅଂଶ ଏକାବେଳେକେ ଅଦୃଶ୍ୟ ହୋଇ ଯାଇଥିଲା । ହେରିଆଟ୍ କ୍ଲାଇଭ୍ ଥରୁଥିଲେ । ମୁଣ୍ଡରେ ଅସହ୍ୟ ଯନ୍ତ୍ରଣା । ଅତୀତର ଆକୃତି ଗୋଟାଏ ଭୟଙ୍କର ରୂପନେଇ ତାଙ୍କ ଆଗରେ ଠିଆ ହେଲା ।

ମେକାନିକ୍ ଓ କୁଲି ଦଳ ଟ୍ରାକ୍ ମରାମତି କରି ସାରି ଫେରି ଆସୁଥିଲେ ।

ଟ୍ରେନ୍ ଚାଲିଛି । ନିଶାର୍ଦ୍ଧର ଅଖଣ୍ଡ ନୀରବତାକୁ ଚହଲାଇ ଚାଲିଛି ଗୁଡ୍ସ୍ ଟ୍ରେନ୍ । ଗାର୍ଡ଼ ସାମୁଏଲ ସାଇଡ଼ ଗ୍ଲାସରେ ଚନ୍ଦ୍ରାଚ୍ଛନ୍ନ ପ୍ରକୃତି ଉପରେ ଆଖି ବୁଲାଇ ଆଣୁଛନ୍ତି । ଡ଼ିଷ୍ଟାଣ୍ଟ ସିଗନାଲ ଆଉ କେତେ ଗଜ ମାତ୍ର ବାକି । ଜଣେ ଲୋକ ଟ୍ରାକ ଉପରକୁ ଡେଇଁ ପଡ଼ିଲା । ଟ୍ରେନ୍ ବନ୍ଦ କରିବା ନିମନ୍ତେ ଡ୍ରାଇଭର ସମର୍ଥ ହେଲେ ନାହିଁ ।

ଲୋକଟିର ଶରୀରକୁ ଛଅ ଭାଗରେ ବିଭକ୍ତ କରି ଚାଲିଗଲା ନିର୍ମମ ଗୁଡ୍ସ୍ ଟ୍ରେନ୍ ।

ଗାର୍ଡ଼ ହେରି ଆଠ୍ କ୍ଲାଇଭ୍ ଟ୍ରେନ୍ ଆଗକୁ ଡେଇଁ ଆତ୍ମହତ୍ୟା କରିଛନ୍ତି । ଠିକ୍ ଯେଉଁଠି ସେ ଜନ୍ ବ୍ଲାଗାରଙ୍କୁ ଟ୍ରେନ ଆଗକୁ ପେଲି ଦେଇଥିଲେ ।

—:୦:—

